# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଏକାଦଶ ବର୍ଷ | ଚତୁର୍ଥ ସଂଖ୍ୟା | ଅକ୍ଟୋବର ୨୦୧୪



**ଉପଦେଷ୍ଟା ମଣ୍ଡଳୀ**

ଗଜେନ୍ଦ୍ର ନାଥ ମହାନ୍ତି
ରବିନାରାୟଣ ମଲ୍ଲିକ୍
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
ନୃସିଂହ ଚରଣ ପଣ୍ଡା

●

**ସମ୍ପାଦନା ମଣ୍ଡଳୀ**

ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
କୃଷ୍ଣଚନ୍ଦ୍ର ବେହେରା
ଅଭୟ କୁମାର ଦାସ

●

**ସଂପାଦକ**

ସନ୍ତୋଷ କୁମାର ମହାପାତ୍ର

●

**ପରିଚାଳକ**

ସଚ୍ଚିଦାନନ୍ଦ ବେହେରା

●

**ସହକାରୀ ପରିଚାଳକ**

ପ୍ରଭାତ କୁମାର ବେହେରା

●

ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- କମ୍ପାନୀଙ୍କ ଉପରେ
- ପ୍ରଚାରରେ ଦାରିଦ୍ର୍ୟ
- ଆଭ୍ୟନ୍ତରୀଣ ସଞ୍ଚୟ
- ସଂଗ୍ରାମ ପଥେ
- ଆଛେ ଦିନ ପାଇଁ
- ଆଗରେ ଦୁଇଟି ଆହ୍ୱାନ
- ସଚ୍ଚିଭାଇଙ୍କ ଅବସରକାଳୀନ
- ଶ୍ରମିକ ସ୍ୱାର୍ଥ ବିରୋଧି
- ଧନ ଅଛି ତ ?
- ଧର୍ମନିରପେକ୍ଷ ଶକ୍ତିଙ୍କ


*ସଂପାଦକୀୟ........................*

## କମ୍ପାନୀଙ୍କ ଉପରେ ନିୟନ୍ତ୍ରଣ

ଆପାତତଃ କେନ୍ଦ୍ରରେ ମୋଦିଙ୍କ ନେତୃତ୍ୱରେ ଏନ୍.ଡ଼ି.ଏ. କ୍ଷମତାସୀନ ହେବାର ୧୫୦ ଦିନ ଅତିବାହିତ ହେଲାଣି । ଯେଉଁ ଆଶା ନେଇ ମୋଦିଙ୍କୁ ଦେଶବାସୀ କ୍ଷମତାସୀନ କରିଥିଲେ ତାହା ଆଜି ଧୂଳିସାତ ହୋଇଛି । କେବଳ ବିଦେଶ ଯାତ୍ରା ଏବଂ ମନମୁଗ୍ଧକାରୀ ସ୍ଲୋଗାନ୍ ଦେବା ବ୍ୟତୀତ ମୋଦି ସେପରି ଆଖିଦୃଶିଆ ଭଲ ପଦକ୍ଷେପ ନେଇନାହାନ୍ତି, ବରଂ କିଛି ଜନ ବିରୋଧୀ ପଦକ୍ଷେପ ନେଇଛନ୍ତି । ବାସ୍ତବରେ କୌଣସି ସ୍ଲୋଗାନରେ ଦାରିଦ୍ର୍ୟ, କ୍ଷୁଧା ଓ ବେକାରୀ ଦୂର ହୁଏନା । ଅବଶ୍ୟ ଏହି ଅବଧି ମଧ୍ୟରେ କର୍ପୋରେଟ ଜଗତକୁ ଖୁସି କରିବା ପାଇଁ ସେ ସମସ୍ତ ପ୍ରକାର ପଦକ୍ଷେପ ନେଇଛନ୍ତି । ଦେଶୀ ବିଦେଶୀ କମ୍ପାନୀ କିପରି ଆମ ଦେଶରେ ସହଜରେ ବ୍ୟବସାୟ କରିବେ ଏବଂ ଶସ୍ତାରେ ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ପ୍ରାପ୍ତ ହେବେ ଏବଂ ପ୍ରଚୁର ଲାଭ ଅର୍ଜନ କରିବେ ତାହା ତାଙ୍କର ମୁଖ୍ୟ ନୀତି ହୋଇଛି । ସେଥିପାଇଁ ଶ୍ରମିକର ସ୍ୱାର୍ଥ ହାନି ଓ ମାଲିକର ମୁନାଫା ବୃଦ୍ଧି ହେଲା ଭଳି ଶ୍ରମ ଆଇନରେ ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି । ବଡ଼ ବଡ଼ ଗଣମାଧ୍ୟମ ଆଜି କମ୍ପାନୀଙ୍କ ନିୟନ୍ତ୍ରଣରେ । କମ୍ପାନୀମାନେ ମୋଦିଙ୍କ ନୀତିଦ୍ୱାରା ଅହେତୁକ ଉପକୃତ ହେଉଥିବାରୁ ସେମାନଙ୍କ ନିୟନ୍ତ୍ରିତ ଗଣମାଧ୍ୟମ ମୋଦି ସରକାରଙ୍କ ସପକ୍ଷରେ ଅହରହ ପ୍ରଚାର କରୁଛନ୍ତି । **ଯେଉଁ ପ୍ରଚାର ମାଧ୍ୟମରେ ମୋଦି କ୍ଷମତାକୁ ଆସିଥିଲେ ସେହି ପ୍ରଚାର ମାଧ୍ୟମରେ ମୋଦିଙ୍କ ଶାସନ ଅମଳରେ ଦେଶର ବିକାଶ ହୋଇଛି ବୋଲି ସାଧାରଣ ଜନତାଙ୍କ ମନରେ ବିଶ୍ୱାସ ସୃଷ୍ଟି କରାଯିବାର ଅପଚେଷ୍ଟା କରାଯାଉଛି ।** କଳା ଟଙ୍କାର ଉଦ୍ଧାର କରିବାର ପ୍ରତିଶୃତି ପାଣିର ଗାର ହୋଇଛି ।

ନିକଟରେ ମୋଦି ସରକାର ଗ୍ୟାସ୍ ଦର ବୃଦ୍ଧି ସହିତ ଡିଜେଲ ଦରକୁ ନିୟନ୍ତ୍ରଣ ମୁକ୍ତ କରିଛନ୍ତି ଏବଂ ନିୟନ୍ତ୍ରଣ ମୁକ୍ତ ଯୋଗୁ ଡ଼ିଜେଲ୍ ଦର ୩ ଟଙ୍କାରୁ ଉର୍ଦ୍ଧ୍ୱ କମିଲା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଅର୍ଥମନ୍ତ୍ରୀ ଏପରି କହିବା ଉଦ୍ଦେଶ୍ୟ ହେଉଛି ଦେଶବାସୀ ଏହି ନୀତିକୁ ସ୍ୱାଗତ କରନ୍ତୁ । ବାସ୍ତବ କଥା ହେଉଛି ବିଦେଶରେ ଅଶୋଧିତ ତୈଳ ଦର ଅହେତୁକ ଭାବେ ହ୍ରାସ ପାଇଛି । ଏଣୁ ଆମ ଦେଶରେ ଡିଜେଲ ଦର ବହୁ ଆଗରୁ ହ୍ରାସ ପାଇବା କଥା । କିନ୍ତୁ ସରକାର ଏହାକୁ ଜାଣି ଶୁଣି ଡେରି କରିଥିଲେ । ସେ ଯାହା ହେଉ, ବିଦେଶରେ ଯେତେବେଳେ ପୁଣି ଅଶୋଧିତ ତୈଳ ଦର ବୃଦ୍ଧି ପାଇବ ସେତେବେଳେ ମଧ୍ୟ ଆମ ଦେଶରେ ତୈଳ ଦର ବୃଦ୍ଧି ପାଇବ । ଅନେକ ଯୁକ୍ତି କରନ୍ତି ଯେ ତୈଳ ଦର ବୃଦ୍ଧି ନ କରିବା ଯୋଗୁ ସରକାରଙ୍କୁ ପ୍ରଚୁର ରିହାତି ଦେବାକୁ ପଡୁଛି । ବାସ୍ତବରେ ଏହି ତୈଳ କାରବାରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ଟିକସ ମାଧ୍ୟମରେ ବାର୍ଷିକ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପ୍ରାପ୍ତ ହେଉଛନ୍ତି । ଏହାର ଅର୍ଥ ନୁହେଁ ଯେ ସରକାର ଆଦୌ ରାଜସ୍ୱ ଆଦାୟ ନ କରନ୍ତୁ । କିନ୍ତୁ ସବ୍‌ସିଡ଼ି ଦେଉଛନ୍ତି ବୋଲି କାହିଁକି ମିଛ କହୁଛନ୍ତି ତାହା ସବ୍‌ସିଡ଼ି ନୁହେଁ, ଅଣ୍ଡର ରିକୋଭରି ।

ତୈଳ କେତେ ମୂଲ୍ୟରେ ବିକ୍ରି ହେବ ଏବଂ ସେଥିରେ ଟିକସର ଅଂଶ କେତେ ରହିବ ତାହା ନିଶ୍ଚୟ ତର୍କ ବିତର୍କର ବିଷୟ । କିନ୍ତୁ ନିୟନ୍ତ୍ରଣ ମୁକ୍ତ କରି ବଜାରକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବା ସର୍ବଦା ଭୟଙ୍କର । **ବଜାରକୁ ସମ୍ପୂର୍ଣ୍ଣ ସ୍ୱାଧିନତା ଦେବା ଅର୍ଥ ବାଘ ଓ ହରିଣକୁ ଜଙ୍ଗଲରେ ଏକାଠି ଛାଡ଼ିଦେବା ।** ଯେତେବେଳେ ଦେଶରେ ବିଭିନ୍ନ ପ୍ରକାର ସମସ୍ୟା ଉପୁଜିବ ଏବଂ ଯୁଦ୍ଧ, ମରୁଡ଼ି, ଆର୍ଥିକ ଅସ୍ଥିରତା ଯଥା ନିୟନ୍ତ୍ରଣ ବିହୀନ ମୁଦ୍ରାସ୍ଫୀତି, ଷ୍ଟକ୍‌ମାର୍କେଟର ପତନ ଆଦି ଦେଖାଦେବ, ସେତେବେଳେ ଘରୋଇ କମ୍ପାନୀ (ବଜାର) ରାଷ୍ଟ୍ରାୟତ୍ତ ସଂସ୍ଥା ପରି ସରକାରଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବେ ନାହିଁ । ମାର୍କେଟ ବା ବଜାର କଦାପି ଅବହେଳିତଙ୍କ ପାଇଁ କାର୍ଯ୍ୟ କରେ ନାହିଁ । ଏହା ବିତ୍ତଶାଳୀ, କ୍ଷମତାଶାଳୀ ବା ଥିଲା ବାଲାଙ୍କ ପାଇଁ କାର୍ଯ୍ୟ କରିଥାଏ । ଅତୀତକୁ ସମୀକ୍ଷା କଲେ ଜଣେ ଉପନୀତ ହେବ ଯେ ଯେତେବେଳେ ବଡ଼ ବଡ଼ କମ୍ପାନୀ ଉପରେ ଅଙ୍କୁଶ ହଟାଯାଇ ସମ୍ପୂର୍ଣ୍ଣ ସ୍ୱାଧିନତା ଦିଆଯାଇଛି, ତାହା ଦେଶପାଇଁ ଭୟଙ୍କର ସାବିତ୍ ହୋଇଛି । **୨୦୦୭-୦୮ରେ ଯେଉଁ ଭୟଙ୍କର ବିଶ୍ୱ ଆର୍ଥିକ ସଙ୍କଟ ଆମେରିକାରୁ ଆରମ୍ଭ ହେଲା, ତାହାର ମୂଳ କାରଣ ନିୟନ୍ତ୍ରଣ ବିହୀନ ଅର୍ଥନୀତି ତଥା ବଡ଼ ବଡ଼ ବିତ୍ତୀୟସଂସ୍ଥା ଓ ପୁଞ୍ଜିନିବେଶ ବ୍ୟାଙ୍କ ଉପରେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନ ରହିବା । ଏକଥା ଏବର୍ଷର ଅର୍ଥନୀତିରେ ନୋବେଲ୍ ବିଜେତା ସ୍ୱୟଂ ଜିନ୍ ତିରୋଲ କହିଛନ୍ତି । ସେ ମଧ୍ୟ ବଡ଼ ବଡ଼ କମ୍ପାନୀମାନଙ୍କୁ ନିୟନ୍ତ୍ରଣ କରିବା ସହିତ ରାଷ୍ଟ୍ରର ଭୂମିକାକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଯାହା ନବ୍ୟଉଦାରବାଦୀ ନୀତିର ସମର୍ଥଙ୍କ ପାଇଁ ଏକ ଶକ୍ତ ଧକ୍କା । ଏଣୁ ଆମ କେନ୍ଦ୍ର ଓ ରାଜ୍ୟ ସରକାର ଏଥିରୁ ଶିକ୍ଷା ନେଇ କମ୍ପାନୀଙ୍କ ଉପରେ ନିୟନ୍ତ୍ରଣ ଜାରି ରଖିବା ଉଚିତ୍ ।**

ଉଲ୍ଲେଖଯୋଗ୍ୟ ଯେ ଘରୋଇ ସଂସ୍ଥାମାନେ ନିଜର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଲାବେଳେ ରାଷ୍ଟ୍ରାୟତ୍ତ ସଂସ୍ଥାମାନେ ଦେଶର ବିକାଶକୁ ପ୍ରାଧାନ୍ୟ ଦେଇଥାନ୍ତି ଏବଂ ସରକାରଙ୍କର ନିର୍ଦ୍ଦେଶ ମାନିଥାନ୍ତି । ଉଦାହରଣ ସ୍ୱରୂପ ବିଶ୍ୱ ଆର୍ଥିକ ସଂକଟ ସମୟରେ ଯେତେବେଳେ ଷ୍ଟକ୍‌ମାର୍କେଟର ପତନ ଯୋଗୁ ଆତଙ୍କ ଖେଳିଯାଇଥିଲା ସେତେବେଳେ ଏଲ୍.ଆଇ.ସି. ପୁଞ୍ଜି ନିବେଶ କରିଥିଲା । ସେହିପରି ଯେତେବେଳେ ଓ.ଏନ୍.ଜି.ସି.ର ଅଂଶଧନ କେହି କିଣିବାକୁ ଆଗ୍ରହ ପ୍ରକାଶ କଲେ ନାହିଁ ସେତେବେଳେ ଏଲ୍.ଆଇ.ସି. କିଣିଥିଲା । କିନ୍ତୁ ଦୁଃଖର ବିଷୟ ପୂର୍ବ ଉପା ସରକାର ପରି ମୋଦି ସରକାର ଘରୋଇ କମ୍ପାନୀଙ୍କ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେବା ସହିତ ରାଷ୍ଟ୍ରାୟତ୍ତ ବୀମା ସଂସ୍ଥାକୁ ଦୂର୍ବଳ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଚଳେଇଛନ୍ତି । ବୀମା ଶିଳ୍ପରେ ଏଫ୍.ଡ଼ି.ଆଇ. ସୀମାବୃଦ୍ଧି ଆମ ସଂଚୟ ଭିତ୍ତିକ ଅର୍ଥନୀତି ପାଇ କ୍ଷତିକାରକ ହୋଇଥିଲେ ମଧ୍ୟ ସରକାର ଏହି ବୃଦ୍ଧି ପାଇ ବଦ୍ଧପରିକର । ଏହି ସଂକ୍ରାନ୍ତ ବୀମା ନିୟମ ସଂଶୋଧନ ବିଲ୍ ସିଲେକ୍ଟ କମିଟିର ବିଚାରାଧୀନ ରହିଛି । ଏଣୁ ଆଗାମୀ ଦିନରେ ଏକ ଉନ୍ନତ ମଜୁରୀ ପାଇଁ ତଥା ଏଫ୍.ଡ଼ି.ଆଇ. ସୀମା ବୃଦ୍ଧି ବିରୁଦ୍ଧରେ ଆମକୁ ଅଧିକ ସଂଗ୍ରାମ କରିବାକୁ ପଡ଼ିବ ।

*ଅଭିନନ୍ଦନ ସହ*

ସନ୍ତୋଷ କୁମାର ମହାପାତ୍ର



# ପ୍ରଚାରରେ ଦାରିଦ୍ର୍ୟ, କ୍ଷୁଧା ଦୂର ହୁଏ ନାହିଁ

ଆଶିଷ କୁମାର ମହାପାତ୍ର
ସହ କୋଷାଧ୍ୟକ୍ଷ, SDLIEA, ସମ୍ବଲପୁର

ସ୍ୱାଧୀନତାର ସତଷଠି ବର୍ଷ ବିତିଯାଇଥିଲେ ମଧ ଆମ ଦେଶର ଦାରିଦ୍ର୍ୟକୁ ନେଇ ଚର୍ଚ୍ଚାର ଅବସାନ ଘଟୁନାହିଁ । ଏହାକୁ କେବଳ ମାତ୍ର ଏକ ବିଡ଼ମ୍ବନା କୁହାଯିବ ନା ନୀତି ନିର୍ଦ୍ଧାରଣରେ ଅପାରଗତା ଏବଂ ରାଜନୈତିକ ଆନ୍ତରିକତାର ଅଭାବ କୁହାଯିବ । ଆମେ ଯାହାବି କହୁ, କ୍ଷୁଧା ଜର୍ଜରିତ ଅଗଣିତ ଲୋକଙ୍କ ପାଇଁ ଏହା କଟା ଘା'ରେ ଚୂନ ସଦୃଶ । ବର୍ତ୍ତମାନ ବିଶ୍ୱର ଏକ ଅଗ୍ରଣୀ ଆର୍ଥିକ ଶକ୍ତି ହିସାବରେ ଯେତେ ବାହାସ୍ଫୋଟ ମାରିଲେ ସୁଦ୍ଧା ଦେଶର ସମୁଦାୟ ଜନ ସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଲୋକ ଆଜି ମଧ ଭୋକିଲା ପେଟରେ ଶୋଉଛନ୍ତି ଏକଥାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଯେଉଁମାନେ ଭାରତକୁ ''ହଙ୍ଗର କ୍ୟାପିଟାଲ୍ ଅଫ୍ ଓ୍ୱାରଲର୍ଡ୍'' ବୋଲି କହୁଛନ୍ତି, ସେମାନଙ୍କୁ ଭୁଲ ପ୍ରମାଣିତ କରିବାର କୌଣସି ଗ୍ରହଣୀୟ ତଥ୍ୟ ବା ଯୁକ୍ତି ଆମ ପାଖରେ ନାହିଁ । ଏହାର କାରଣ ହେଉଛି ଆଜି ପର୍ଯ୍ୟନ୍ତ ଆମେ କେବଳ ଦାରିଦ୍ର୍ୟ ଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ଉପରେ ଫମ୍ପା ରାଜନୀତି କରି ଆସିଛୁ ଏବଂ ଏହାକୁ ଭୋଟ୍ ବ୍ୟାଙ୍କ୍ ସୃଷ୍ଟିର ଏକ ଆୟୁଧ ଭଳି ବ୍ୟବହାର କରି ଚାଲିଛୁ । ଇନ୍ଦିରା ଗାନ୍ଧିଙ୍କ ''ଗରିବୀ ହଟାଓ''ରୁ ଆରମ୍ଭ କରି ବର୍ତ୍ତମାନର ରଙ୍ଗରାଜନ କମିଟି ପର୍ଯ୍ୟନ୍ତ ସବୁ ପ୍ରୟାସ କେବଳ ପ୍ରଚାର ସର୍ବସ୍ୱ ଫମ୍ପା ସ୍ଲୋଗାନରେ ସୀମିତ ହୋଇଛି ।

ପ୍ରଥମେ ଏହି ପ୍ରସଙ୍ଗରେ ଗଠିତ ତେନ୍ଦୁଲକର କମିଟି କଥା ବିଚାର କରାଯାଉ । ୨୦୧୦ ମସିହାରେ ଏହି କମିଟି ଯେଉଁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କଲା ତାହା କେବଳ ହାସ୍ୟାସ୍ପଦ ଏବଂ କପୋଳକଳ୍ପିତ କହିଲେ ଯଥେଷ୍ଟ ହେବ ନାହିଁ । ଯେଉଁ ପ୍ରଣାଳୀ ଏବଂ ତଥ୍ୟ ଭିତ୍ତିରେ ଏହି ରିପୋର୍ଟ ପ୍ରସ୍ତୁତି କରାଯାଇଥିଲା ତାହା ଥିଲା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଏବଂ ଅଗ୍ରାହ୍ୟ । ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଲା ଏମିତି ଏକ ରିପୋର୍ଟ ଉପରେ ତର୍ଜମା ନ କରି ସରକାର ଏହି ରିପୋର୍ଟ ଭିତ୍ତିରେ ସୁପ୍ରିମ୍ କୋର୍ଟ ସମ୍ମୁଖରେ କରିଥିବା ସତ୍ୟପାଠ । ଏହି ସତ୍ୟପାଠରେ ଦର୍ଶାଯାଇଛି ଯେ ୨୦୧୧ରେ ଗ୍ରାମାଞ୍ଚଳରେ ଦୈନିକ ମୁଣ୍ଡପିଛା ଟ.୨୯.୩୦ ଓ ସହରାଞ୍ଚଳରେ ଦୈନିକ ମୁଣ୍ଡ ପିଛା ଟ.୩୨.୫୦ ଖର୍ଚ୍ଚ କରିପାରୁଥିବା ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖାର ପରିଧି ବାହାରେ ରହିବେ । ବର୍ତ୍ତମାନର ହାଡ଼ଭଙ୍ଗା ଦରବୃଦ୍ଧି ପରିପ୍ରେକ୍ଷୀରେ ଦୈନିକ ଟ.୩୨.୫୦ରେ କିପରି ସର୍ବନିମ୍ନ କ୍ୟାଲୋରି ଯୁକ୍ତ ଖାଦ୍ୟ (୨୪୦୦ କ୍ୟାଲୋରି ଗ୍ରାମାଞ୍ଚଳ ପାଇଁ ଏବଂ ୨୧୦୦ କ୍ୟାଲୋରି ସହରାଞ୍ଚଳ ପାଇଁ) ଖାଇବା ପାଇଁ ଜଣେ ସମର୍ଥ ହେବ ତାହା ଏକ ସ୍ୱାଭାବିକ ପ୍ରଶ୍ନ ! ତେଣୁ ସରକାରଙ୍କ ସତ୍ୟପାଠକୁ ନେଇ ଜାତୀୟ ସ୍ତରରେ ଯେଉଁ ଜନ ଅସନ୍ତୋଷ ଦେଖା ଦେଲା ତାହା ଥିଲା ସମ୍ପୂର୍ଣ୍ଣ ପ୍ରତ୍ୟାଶିତ ଏବଂ ଯୁକ୍ତିଯୁକ୍ତ । ଘଟଣାଟି ଏତେ ମାତ୍ରାରେ ଚର୍ଚ୍ଚିତ ଏବଂ ଉଦ୍ଭଟ ଥିଲା ଯେ ମାସାଚ୍ୟୁଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଦୁଇ ଜଣ ଛାତ୍ର ତୁଷାର ବିଶିଷ୍ଟ ଏବଂ ମାଥ୍ୟୁ ଚେରିଆନ ଭାରତ ଆସି ଦୈନିକ ଟ.୩୨.୦୦ ଖର୍ଚ୍ଚରେ ଚଳିବା ପାଇଁ ଚେଷ୍ଟା କରିଥିଲେ ଏବଂ ଏହା ଗଣ ମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିଲା ।

ତେଣୁ ତେନ୍ଦୁଲକର କମିଟି ଆଧାରରେ ସରକାର ଯେଉଁ ସତ୍ୟପାଠ କଲେ ଏବଂ ୨୦୧୧ ମସିହାରେ ଦାରିଦ୍ର୍ୟ ସୀମାରେଖା ଧାର୍ଯ୍ୟ କଲେ ତାହା ସମ୍ପୂର୍ଣ୍ଣ ବିବାଦୀୟ ଥିଲା । ଏହାକୁ ନେଇଁ ସଂସଦ ଭିତରେ ଏବଂ ବାହାରେ ଯେଉଁ ବ୍ୟାପକ ଜନ ଅସନ୍ତୋଷ ଦେଖାଗଲା ତାକୁ ପ୍ରଶମିତ କରିବା ପାଇଁ ସରକାର ମାର୍ଚ୍ଚ ୨୦୧୨ରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ମୁଖ୍ୟ ସି. ରଙ୍ଗରାଜନଙ୍କ ନେତୃତ୍ୱରେ ଏକ ବୈଷୟିକ କମିଟି ଗଠନ କଲେ ।

ରଙ୍ଗରାଜନ କମିଟିର ନୂତନ ଭାବେ ଉପସ୍ଥାପିତ ରିପୋର୍ଟ ମଧ ସମ୍ପୂର୍ଣ୍ଣ ତ୍ରୁଟି ହୀନ ବୋଲି କହିହେବ ନାହିଁ । ଯଦିଓ ସେ ତେନ୍ଦୁଲକର କମିଟିର ଅନେକ ସୁପାରିଶକୁ ଖାରଜ କରିଛନ୍ତି ତଥାପି ତାଙ୍କ ନିଜସ୍ୱ ରିପୋର୍ଟ ମଧ ଅନେକ ଭୁଲ ତଥ୍ୟ ଉପରେ ଆଧାରିତ । ପ୍ରଥମତଃ ରଙ୍ଗରାଜନ ରିପୋର୍ଟରେ ସର୍ବନିମ୍ନ କ୍ୟାଲୋରି ଆବଶ୍ୟକତାକୁ କମ୍ କରାଯାଇଛି । ଗ୍ରାମାଞ୍ଚଳରେ ଦୈନିକ ମୁଣ୍ଡପିଛା କ୍ୟାଲୋରି ଆବଶ୍ୟକତାକୁ ୨୪୦୦ କ୍ୟାଲୋରିରୁ କମ୍ କରି ୨୧୫୫ କ୍ୟାଲୋରି ଏବଂ ସହରାଞ୍ଚଳରେ ଏହାର ପରିମାଣ ୨୧୦୦ରୁ କମ୍ କରି ୨୦୯୦ କ୍ୟାଲେରି ରଖାଯାଇଛି । ତାଙ୍କର ଯୁକ୍ତି ହେଲା ଗ୍ରାମାଞ୍ଚଳରେ ଯେହେତୁ ପରିବହନ ବ୍ୟବସ୍ଥା ଏବଂ ଭିତ୍ତିଭୂମିରେ ଉନ୍ନତି ଘଟିଛି, ଶ୍ରମିକମାନଙ୍କର ଶାରିରୀକ ଶ୍ରମରେ ମଧ ସେହି ଅନୁସାରେ ହ୍ରାସ ଘଟିଛି ଏବଂ ଏହାଦ୍ୱାରା ସେମାନେ ଦୈନିକ ଜୀବନରେ ଆବଶ୍ୟକ କରୁଥିବା ପୁଷ୍ଟିରେ ମଧ ଅନୁରୂପ ହ୍ରାସ ଘଟିଛି । ଏମିତି ଏକ ଯୁକ୍ତି ଅତ୍ୟନ୍ତ ହାସ୍ୟାସ୍ପଦ । ଯଦି ଏହାକୁ ସତ ବୋଲି ମଧ ଧରିନିଆଯାଏ, ତା ହେଲେ ଏଠି ଯେଉଁ ମୌଳିକ ପ୍ରଶ୍ନ ଉଠୁଛି ତାହା ହେଲା ଯେ ସହରାଞ୍ଚଳରେ କ'ଣ ପରିବହନ ଏବଂ ଭିତ୍ତିଭୂମିରେ ବିକାଶ ହୋଇନାହିଁ ? ତା ହେଲେ ସହରାଞ୍ଚଳର ସର୍ବନିମ୍ନ କ୍ୟାଲୋରି ଆବଶ୍ୟକତା କୁ କାହିଁକି ଗ୍ରାମାଞ୍ଚଳ ସହିତ ସମାନ ପରିମାଣରେ ହ୍ରାସ କରାଗଲା ନାହିଁ । ଦ୍ୱିତୀୟତଃ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ ପାଇଁ ଖାଦ୍ୟ ବ୍ୟତିରେକେ ବସ୍ତ୍ର, ଗମନାଗମନଏବଂ ଶିକ୍ଷା ସମ୍ବନ୍ଧୀୟ ଖର୍ଚ୍ଚକୁ ମଧ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । କିନ୍ତୁ ଏହି ଆନୁଷଙ୍ଗିକ ଖର୍ଚ୍ଚର ପରିମାଣକୁ ଅତ୍ୟନ୍ତ ରକ୍ଷଣଶୀଳ ସ୍ତରରେ ରଖାଯାଇଛି । ରଙ୍ଗରାଜନ କମିଟି କହିବା ଅନୁଯାୟୀ କ୍ୟାଲୋରୀ, ପ୍ରୋଟିନ ଓ ଚର୍ବି ଜାତୀୟ ଖାଦ୍ୟ ପାଇଁ ଗ୍ରାମାଞ୍ଚଳରେ ୨୦୧୧ମସିହାରେ ମୁଣ୍ଡ ପିଛା ୫୫୪ ଟଙ୍କା ଏବଂ ସହରାଞ୍ଚଳରେ ୬୫୬ଟଙ୍କା ଆବଶ୍ୟକ ଏବଂ ବସ୍ତ୍ର, ଘରଭଡ଼ା, ଯାତାୟତ ଓ ଶିକ୍ଷା ପାଇଁ ଗ୍ରାମାଞ୍ଚଳରେ ମାସିକ ୧୪୧ଟଙ୍କା ଏବଂ ସହରାଞ୍ଚଳରେ ୪୦୭ଟଙ୍କା ଆବଶ୍ୟକ। ସେହିପରି ଅଣଖାଦ୍ୟ ଦ୍ରବ୍ୟ ପାଇଁ ଗ୍ରାମାଞ୍ଚଳରେ ୨୭୭ଟଙ୍କା ଓ ସହରାଞ୍ଚଳରେ ୩୪୪ଟଙ୍କା ଆବଶ୍ୟକ । ଏହି ତଥ୍ୟ ସେ NSSO ତଥ୍ୟକୁ ଭିତ୍ତିକରି କହିଛନ୍ତି । କିନ୍ତୁ ଏହି ଅର୍ଥରେ ଏସବୁ ପ୍ରାପ୍ତ ହେବା ଅସମ୍ଭବ । ସାମଗ୍ରିକ ଭାବରେ ରଙ୍ଗରାଜନ ରିପୋର୍ଟ ଅନୁସାରେ ଗ୍ରାମାଞ୍ଚଳରେ ମୁଣ୍ଡ ପିଛା ମାସିକ ଟ.୯୭୨.୦୦ ଏବଂ ସହରାଞ୍ଚଳରେ ମୁଣ୍ଡପିଛା ମାସିକ ଟ.୧୪୦୭.୦୦ ଅର୍ଥାତ୍ ଗ୍ରାମାଞ୍ଚଳରେ ମୁଣ୍ଡପିଛା ଦୈନିକ ଟ. ୩୨.୦୦ ଓ ସହରାଞ୍ଚଳରେ ଟ.୪୭.୦୦ ଖର୍ଚ୍ଚ କରିପାରୁଥିବା ଗରିବ ପଦବାଚ୍ୟ ନୁହନ୍ତି । ତେଣୁ ତେନ୍ଦୁଲକର ରିପୋର୍ଟ ହେଉ କି ରଙ୍ଗରାଜନ କମିଟି ରିପୋର୍ଟ ହେଉ, ଉଭୟେ ଦାରିଦ୍ର୍ୟର ସୀମାରେଖା ଯେଉଁଭଳି ଭାବେ ନିର୍ଦ୍ଧାରଣ କରିଛନ୍ତି ତାହା ସମ୍ପୂର୍ଣ୍ଣ ଅବାସ୍ତବ, କପୋଳକଳ୍ପିତ ଏବଂ ନିନ୍ଦନୀୟ । **ଏହା ଏକ ଅତ୍ୟନ୍ତ ଦୁଃଖଦ ସତ୍ୟ ଯେ ଏପରି ଏକ ରକ୍ଷଣଶୀଳ ଉପାୟରେ ଦାରିଦ୍ର୍ୟର ସୀମା ନିର୍ଦ୍ଧାରଣ ପରେ ମଧ ୨୦୧୧-୧୨ ମସିହା ସୁଦ୍ଧା ଆମ ଦେଶର ଗ୍ରାମାଞ୍ଚଳର ୩୦.୯ ପ୍ରତିଶତ ଏବଂ ସହରାଞ୍ଚଳରେ ୨୬.୪ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମା ରେଖା ତଳେ ବସବାସ କରୁଛନ୍ତି ।** ସୁତରାଂ ସହରାଞ୍ଚଳ ଦରିଦ୍ରଙ୍କ ସଂଖ୍ୟା ୧୦.୩ କୋଟି ଏବଂ ଗ୍ରାମାଞ୍ଚଳ ଦରିଦ୍ରଙ୍କ ସଂଖ୍ୟା ୩୬.୩ କୋଟି ଏବଂ ଉଭୟଙ୍କ ମିଳିତ ସଂଖ୍ୟା ହେଉଛି ପୃଥିବୀର ପ୍ରାୟ ଏକ ତୃତୀୟାଂଶ ଦେଶର ସମୁଦାୟ ଜନସଂଖ୍ୟା ଠାରୁ ଅଧିକ। ଏଠି ଏତିକି ନିର୍ଦ୍ୱନ୍ଦରେ କୁହାଯାଇପାରେ ଯେ ୨୦୧୧ର ସତ୍ୟପାଠ ପରେ ଯେଉଁ ସରକାର ବିରୋଧି ଜନ ଆକ୍ରୋଶ ଦେଖା ଦେଇଥିଲା ତାକୁ ଦୂର କରିବା ପାଇଁ ରଙ୍ଗରାଜନ କମିଟି ମଧ ବିଫଳ ହୋଇଛନ୍ତି । **ଆହୁରି ମଧ କୁହାଯାଇପାରେ ଯେ ଜନସଂଖ୍ୟାର ଏକ ବିଶାଳ ଅଂଶ ଦାରିଦ୍ର୍ୟର ତାଡ଼ନାରେ ଉବୁଟୁବୁ ହେଉଥିବା ବେଳେ ''ଆଚ୍ଛେଦିନ୍''ର ପ୍ରତିଶ୍ରୁତି ଏକ ଧୂଁଆବାଣ ଛଡ଼ା ଅନ୍ୟ କିଛି ନୁହେଁ ।**

ଏପରି ଏକ ପରିସ୍ଥିତିରେ ଗଣ ବଣ୍ଟନ ବ୍ୟବସ୍ଥାକୁ ସାର୍ବଜନୀନ କରି କ୍ଷୁଧା ମୁକ୍ତି ଦିଗରେ ସରକାର ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ଗଣ ବଣ୍ଟନ ବ୍ୟବସ୍ଥାକୁ ଲକ୍ଷ୍ୟାଭିମୁଖୀ କରି ଅଧିକରୁ ଅଧିକ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଜନାର ପରିସର ବାହାରେ ରଖିବାର ହୀନ ଚକ୍ରାନ୍ତ କରୁଛନ୍ତି । ନବ୍ୟ ଉଦାରବାଦୀ ଆର୍ଥିକ ନୀତିର ପ୍ରରୋଚନାରେ ବ୍ୟୟ ସଂକୋଚନର ଦ୍ୱାହି ଦେଇ ସାମାଜିକ ସୁରକ୍ଷା କ୍ଷେତ୍ରରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଛନ୍ତି । ଏହାର ଫଳ ସ୍ୱରୂପ ଦିନକୁ ଦିନ ସାମାଜିକ ଓ ଆର୍ଥିକ ବୈଷମ୍ୟର ଘାଇ ସଂକୁଚିତ ହେବା ପରିବର୍ତ୍ତେ ସଂପ୍ରସାରିତ ହେବାରେ ଲାଗିଛି । ଶାସ୍ତ୍ର କହେ କ୍ଷୁଧା ମଣିଷକୁ ଅନ୍ଧ କରି ଦିଏ ଏବଂ ଜଣେ କ୍ଷୁଧାର୍ତ୍ତ ମଣିଷ ଯେକୌଣସି ଅପରାଧ କରିବାକୁ ପଛଘୁଞ୍ଚା ଦିଏ ନାହିଁ । ଭାରତରେ କ୍ଷୁଧାର ଏ କରୁଣ ପରିସ୍ଥିତି ଆଗାମୀ ଦିନରେ ଯଦି ଉଗ୍ର ସାମାଜିକ ବିଶୃଙ୍ଖଳା ସୃଷ୍ଟି କରେ, ସେଥିପାଇଁ କେବଳ ସରକାର ହିଁ ଦାୟୀ ରହିବେ ।

❖❖❖



# ବୀମା ଶିଳ୍ପରେ ବିଦେଶୀ ପୁଞ୍ଜି ସର୍ବଦା ବର୍ଜନୀୟ

## ଆଭ୍ୟନ୍ତରୀଣ ସଞ୍ଚୟ ବିଦେଶୀ କମ୍ପାନୀମାନଙ୍କ ନିୟନ୍ତ୍ରଣାଧୀନ ହେବା ସୁସ୍ଥ ଅର୍ଥନୀତିର ପରିପନ୍ଥୀ

**ଅମାନୁଲ୍ଲା ଖାନ୍, ସଭାପତି, AIIEA**

ନିକଟରେ ଭାରତୀୟ ଜୀବନ ବୀମା ନିଗମ ଆଉ ଗୋଟିଏ ଘଟଣାବହୁଳ ବର୍ଷ ଅତିକ୍ରମ କରିଛି । ସମସ୍ତ ସମାଲୋଚକମାନଙ୍କୁ ଭୁଲ ପ୍ରମାଣିତ କରି ୫୮ ବର୍ଷରେ ଉପନୀତ ହୋଇ ଏହା ଆଜି ଦେଶର ସର୍ବଶ୍ରେଷ୍ଠ ଆର୍ଥିକ ଅନୁଷ୍ଠାନ ରୂପେ ସଗର୍ବେ ଦଣ୍ଡାୟମାନ ହୋଇପାରିଛି । ୧୯୫୧ ମସିହାରେ AIIEA ବୀମା ବ୍ୟବସାୟର ଜାତୀୟକରଣର ଦାବୀ ଉତ୍‌ଥାପନ କରିବା ପରେ, ୧୯୫୬ ମସିହାରେ ଜୀବନ ବୀମା ବ୍ୟବସାୟର ଜାତୀୟ କରଣ ହେବା ସହିତ ଭାରତୀୟ ଜୀବନ ବୀମା ନିଗମ ସ୍ଥାପନା ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । AIIEA ଅବଗତ ଥିଲା ଯେ, ବୀମା ବ୍ୟବସାୟ ରାଷ୍ଟ୍ର ନିୟନ୍ତ୍ରଣାଧୀନ ହେଲେ ସଂଗୃହୀତ କ୍ଷୁଦ୍ର ସଞ୍ଚୟ ସାମାଜିକ ଓ ଭିତ୍ତିଭୂମି ଆବଶ୍ୟକତା ଦିଗରେ ବିନିଯୋଗ ହୋଇପାରିବ, ଯାହା ଜନସାଧାରଣ ଓ ଅର୍ଥନୀତିର ଅଶେଷ ଉନ୍ନତି ସାଧନ କରିବ । ବିଗତ ୫୮ ବର୍ଷ ମଧ୍ୟରେ ଏଲ୍.ଆଇ.ସି.ର କାର୍ଯ୍ୟକାରିତା AIIEAର ଏହି ଆକଳନକୁ ଆହୁରି ଦୃଢ଼ୀଭୂତ କରିଛି ।

**ସଫଳତାର ଅନ୍ୟନାମ ହେଉଛି LIC । ସମଗ୍ର ଦେଶରେ ଏହା ଆଜି ଘରେ ଘରେ ପରିଚିତି ଲାଭ କରିଛି । ବୀମା ବଜାର ପ୍ରସାର ଓ ପଲିସି ସେବା ବିଶେଷ ଭାବରେ ଦାବୀ ମୀମାଂସା କ୍ଷେତ୍ରରେ ଉଚ୍ଚତମ ସୋପାନକୁ ଅତିକ୍ରମ କରିବାର ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ଏହା ଜନତାଙ୍କ ଆସ୍ଥା ଓ ପ୍ରଶଂସା ଲାଭ କରିବାକୁ ସକ୍ଷମ ହୋଇପାରିଛି ।** ଆଜି LIC ୩୦ କୋଟି ବ୍ୟକ୍ତିଗତ ବୀମା ପଲିସି ଓ ୧୧.୫୪ କୋଟି ଗୋଷ୍ଠୀ ବୀମା ପଲିସି ସଂଗ୍ରହ କରିପାରିଛି । ୫ କୋଟିର ମୂଳ ପୁଞ୍ଜି (ଯାହା ୨୦୧୧ ମସିହାରେ ୧୦୦ କୋଟିକୁ ବୃଦ୍ଧି କରାଯାଇଥିଲା)ରୁ ଏହି ବୀମା ବ୍ୟବସାୟ ଆରମ୍ଭ କରିଥିବା ଏଲ୍.ଆଇ.ସି.ର ମୋଟ ସମ୍ପତ୍ତି ପରିମାଣ ମାର୍ଚ୍ଚ ୨୦୧୪ ସୁଦ୍ଧା ୧୭,୬୯,୧୯୧ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ମାର୍ଚ୍ଚ ୨୦୧୪ ସୁଦ୍ଧା ସରକାରୀ ବଣ୍ଡ ଓ ବିଭିନ୍ନ ସାମାଜିକ କ୍ଷେତ୍ରରେ LICର ମୋଟ ବିନିଯୋଗର ପରିମାଣ ୧୦,୬୯,୭୬୯ କୋଟି ଟଙ୍କା ହୋଇଛି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଏହାର ଯୋଗଦାନ ୭,୦୪,୧୫୧ କୋଟି ଟଙ୍କା ହୋଇଥିବା ବେଳେ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଦୁଇ ବର୍ଷରେ ୪,୫୨,୪୬୦ କୋଟି ଟଙ୍କା ବିନିଯୋଗ ହୋଇସାରିଛି । ଜାତୀୟ ଉନ୍ନୟନ କ୍ଷେତ୍ରରେ ଯୋଗଦାନ ଦୃଷ୍ଟିରୁ ଅନ୍ୟ କୌଣସି ଆର୍ଥିକ ଅନୁଷ୍ଠାନ LICର ସମକକ୍ଷ ହୋଇପାରିନାହିଁ ।

### ଘଡ଼ିସନ୍ଧି ମୁହୂର୍ତ୍ତ :

ଭାରତୀୟ ଅର୍ଥନୀତି ପାଇଁ ୨୦୧୩-୧୪ ଆର୍ଥିକ ବର୍ଷ ଅତ୍ୟନ୍ତ ଘଡ଼ିସନ୍ଧି ମୁହୂର୍ତ୍ତ ମଧ୍ୟ ଦେଇ ଗତି କରିଥିଲା । ଏହି ସମୟ ମଧ୍ୟରେ ଅର୍ଥନୀତିର ଅଭିବୃଦ୍ଧି ହାର ୫ ପ୍ରତିଶତକୁ ମଧ୍ୟ ଛୁଇଁ ପାରିନଥିଲା । ଉଚ୍ଚ ବେକାରୀ ହାର ବ୍ୟତିରେକ ମୁଦ୍ରାସ୍ଫିତୀର ବର୍ଦ୍ଧିତ ହାର ଅର୍ଥନୀତିକୁ ସ୍ଥାଣୁପ୍ରାୟ କରିଦେଲା । ୨୦୧୧ ଆର୍ଥିକ ବର୍ଷରେ ପାରିବାରିକ ଆର୍ଥିକ ସଞ୍ଚୟ (ହାଉସ୍ ହୋଲ୍‌ଡ଼ ସେଭିଙ୍ଗସ୍) ୧୦.୩ ପ୍ରତିଶତ ଥିବା ବେଳେ ୨୦୧୩ରେ ଏହା ୭.୧ ପ୍ରତିଶତକୁ ହ୍ରାସ ପାଇଲା । ଫଳସ୍ୱରୂପ, ଆର୍ଥିକ ସଞ୍ଚୟରେ ଜୀବନ ବୀମାର ଅଂଶ ମଧ୍ୟ ଏହି ସମୟ ମଧ୍ୟରେ ସମାନ୍ତରାଳ ଭାବରେ ଶତକଡ଼ା ୧୯.୪ରୁ ୧୬.୪କୁ ହ୍ରାସ ପାଇଲା । ୨୦୦୬-୦୭ରେ ପାରିବାରିକ ସଞ୍ଚୟରେ ଆର୍ଥିକ ସଞ୍ଚୟର ପରିମାଣ ୫୦ ପ୍ରତିଶତ ଥିଲା ବେଳେ, ୨୦୧୨-୧୩ରେ ଏହା ଏକ ତୃତୀୟାଂଶକୁ ହ୍ରାସ ପାଇଲା । ଏହାର ଏକମାତ୍ର କାରଣ ହେଉଛି ବର୍ଦ୍ଧିତ ମୁଦ୍ରାସ୍ଫୀତି ସାଧାରଣ ଜନତାଙ୍କୁ ଆର୍ଥିକ ସଞ୍ଚୟରୁ ବିମୁଖ କରାଇ ସୁନା, ଜମିବାଡ଼ି ଓ ଅନ୍ୟାନ୍ୟ ଭୌତିକ ସଞ୍ଚୟ ଆଡ଼କୁ ଆକର୍ଷିତ କରାଇଲା । ବିଗତ ପଚାଶ ବର୍ଷ ମଧ୍ୟରେ ଆର୍ଥିକ ସଞ୍ଚୟ ତା'ର ସର୍ବନିମ୍ନ ସ୍ତରରେ ପହଞ୍ଚିଛି ।

ବିଶ୍ୱ ଅବସ୍ଥା ଆଜି ବି ଅପରିବର୍ତ୍ତିତ । ୨୦୦୮ ମସିହାର ଆର୍ଥିକ ମହାସଙ୍କଟର ପ୍ରଭାବରୁ ବିଶ୍ୱ ଅର୍ଥନୀତି ମୁକ୍ତ ହୋଇପାରିନାହିଁ । ଆନ୍ତର୍ଜାତୀୟ ବୀମା ଶିଳ୍ପ ଏହି ସଙ୍କଟ ଦ୍ୱାରା ଅତିମାତ୍ରାରେ ପ୍ରଭାବିତ ହୋଇଛି । ୨୦୦୮ର ବିଶ୍ୱ ଆର୍ଥିକ ସଂକଟ ପରଠାରୁ ବିକାଶିତ ରାଷ୍ଟ୍ର ସମୂହରେ ପ୍ରିମିୟମ ଆୟ ସ୍ଥାଣୁ ଅବସ୍ଥାରେ ରହିଛି । ଉତ୍ତର ଆମେରିକା, ଓସେନିଆ ଏବଂ ପଶ୍ଚିମ ୟୁରୋପରେ ବାର୍ଷିକ ଅଭିବୃଦ୍ଧି ହାର ଯଥାକ୍ରମେ ବିଯୁକ୍ତାତ୍ମକ ୨.୯, ୩.୭ ଓ ୦.୬ ପ୍ରତିଶତ ରହିଛି । ୨୦୧୨ ମସିହାରେ ବିଶ୍ୱବ୍ୟାପୀ ଜୀବନ ବୀମା ଶିଳ୍ପର ଅଭିବୃଦ୍ଧି ହାର ୨.୩ ଶତକଡ଼ା ଥିବା ବେଳେ, ୨୦୧୩ ମସିହାରେ ଏହି ହାର ମାତ୍ର ୦.୭ ପ୍ରତିଶତ । ୨୦୧୩ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରିମିୟମ୍ ସଂଗ୍ରହ ୭.୭ ପ୍ରତିଶତ ହ୍ରାସ ପାଇଥିବା ବେଳେ, ସମଗ୍ର ୟୁରୋପରେ ଏହା ଅପରିବର୍ତ୍ତିତ ରହିଥିଲା (ସିଗ୍‌ମା ରିପୋର୍ଟ ୩/୨୦୧୪) । ଫଳ ସ୍ୱରୂପ ବିଶ୍ୱବ୍ୟାପୀ ବୀମାର ହାରାହାରି ପ୍ରସାର ମାତ୍ରାଧିକ ଭାବରେ ହ୍ରାସ ପାଇଛି ।

### ପ୍ରଦର୍ଶନ ଅତୀବ ପ୍ରଶଂସନୀୟ

ଏହି ଭଳି ଏକ ପରିସ୍ଥିତିରେ ଏଲଆଇସି ଅତ୍ୟନ୍ତ ଉଚ୍ଚମାନର ପ୍ରଦର୍ଶନ ଜାରି ରଖିଛି । ୨୦୧୩-୧୪ ଆର୍ଥିକ ବର୍ଷରେ ଏହା ୩.୪୫ କୋଟିରୁ ଉର୍ଦ୍ଧ୍ୱ ପଲିସି ବିକ୍ରି କରିବା ମାଧ୍ୟମରେ ୯୦,୧୨୩ କୋଟି ଟଙ୍କାର ନୂତନ ପ୍ରିମିୟମ ଆୟ କରିବାରେ ସଫଳ ହୋଇଛି । ଆଲୋଚ୍ୟ ସମୟ ମଧ୍ୟରେ ପ୍ରିମିୟମ୍ ଆୟ ଓ ପଲିସି ସଂଖ୍ୟାରେ ମୋଟ ବଜାର ଅଂଶର ଯଥାକ୍ରମେ ୭୫ ଓ ୮୪ ପ୍ରତିଶତ LIC ଦଖଲ କରି ତା'ର ବଜାର ଆଧିପତ୍ୟ ଅତୁଟ ରଖିପାରିଛି । ୧୪ ପ୍ରତିଶତ ବୃଦ୍ଧି ଆଧାରରେ ଏଲ୍‌ଆଇସି ମୋଟ ୨,୩୬,୭୮୯ କୋଟି ଟଙ୍କାର ପ୍ରିମିୟମ ଆୟ କରିପାରିଛି । ମୃତ୍ୟୁ ଜନିତ ଦାବୀ (Death Claim) ଓ ପରିପକ୍ୱ ଦାବୀ (Maturity Claim) ସମାଧାନ କରିବା ହାର ଯଥାକ୍ରମେ ୯୯.୩ ଓ ୯୯.୬୮ ପ୍ରତିଶତ । ଦାବୀ ସମାଧାନ କ୍ଷେତ୍ରରେ ଏଲ୍‌ଆଇସି ବିଶ୍ୱରେ ଅଦ୍ୱିତୀୟ ।

ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ସମୂହର ପ୍ରଦର୍ଶନ ମଧ୍ୟ ଅତ୍ୟନ୍ତ ସନ୍ତୋଷଜନକ । ୨୦୧୩-୧୪ ଆର୍ଥିକ ବର୍ଷରେ ଚାରୋଟି ସାଧାରଣ ବୀମା କମ୍ପାନୀର ମୋଟ ପ୍ରତ୍ୟକ୍ଷ ପ୍ରିମିୟମ୍ ଆୟ (Gross Direct Premium) ଥିଲା ୪୩,୨୯୨ କୋଟି ଟଙ୍କା । ୫୬ ପ୍ରତିଶତ ବଜାର ଅଂଶ ଦଖଲ ମାଧ୍ୟମରେ ଏହି କମ୍ପାନୀ ସମୂହ ତାଙ୍କର ଆଧିପତ୍ୟ ବଜାୟ ରଖିପାରିଛନ୍ତି । ଉକ୍ତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ସମୂହର ମୋଟ ପୁଞ୍ଜି ବିନିଯୋଗ ପରିମାଣ ୧,୦୧,୭୦୭ କୋଟି ଟଙ୍କାରେ ପହଞ୍ଚିଛି । ୬୦୦ କୋଟି ଟଙ୍କାର ମୂଳ ପୁଞ୍ଜି ଉପରେ, ୨୦୧୩-୧୪ ବର୍ଷ ମଧ୍ୟରେ ଲାଭାଂଶ ବାବଦରେ ସରକାରଙ୍କୁ ଏହି ସମସ୍ତ କମ୍ପାନୀ ୫୯୮.୬୬ କୋଟି ଟଙ୍କା ପ୍ରଦାନ କରିଛି ।

### ତା'ହେଲେ ଦୁର୍ବଳ କରିବା ପାଇଁ ଚକ୍ରାନ୍ତ କାହିଁକି ?

ଏହିପରି ଉନ୍ନତ ପ୍ରଦର୍ଶନ ସାଙ୍ଗକୁ ରାଷ୍ଟ୍ରର ଉନ୍ନୟନ ପାଇଁ ଅଧିକ ଯୋଗଦାନ କରୁଥିବା ଏହି ସମସ୍ତ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡ଼ିକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର ଚେଷ୍ଟିତ ହେବେ ବୋଲି ଆଶା କରିବା ସ୍ୱଭାବିକ । ବାସ୍ତବ କ୍ଷେତ୍ରରେ ହେଉଛି ଠିକ ଓଲଟା । ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ (FDI) ପରିମାଣ ୨୬ରୁ ୪୯ ପ୍ରତଶତକୁ ବୃଦ୍ଧି କରି ରାଷ୍ଟ୍ରାୟତ୍ତ କ୍ଷେତ୍ରକୁ ଦୁର୍ବଳ କରିବା ଓ ରାଷ୍ଟାୟତ୍ତ ସାଧାରଣ ବୀମା କମ୍ପାନୀସମୂହକୁ ଘରୋଇକରଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ

କରୁଛନ୍ତି । ସରକାରଙ୍କ ଏହି ପଦକ୍ଷେପକୁ, AIIEA ଜନମତ ସଂଗ୍ରହ ମାଧ୍ୟମରେ ପ୍ରତିରୋଧ କରିଆସିଛି । ସରକାରଙ୍କ ଘରୋଇକରଣ ପ୍ରକ୍ରିୟାକୁ ବିଗତ ୨୦ ବର୍ଷ ଓ ଏଫ୍.ଡ଼ି.ଆଇ. ସୀମା ବୃଦ୍ଧି ପ୍ରସ୍ତାବକୁ ୧୦ ବର୍ଷ ଧରି ପ୍ରତିହତ କରିବାରେ AIIEA ସଫଳତା ହାସଲ କରିପାରିଛି । ଆମ ସଙ୍ଗଠନର ନିରବଚ୍ଛିନ୍ନ ଆନ୍ଦୋଳନ ଯୋଗୁଁ, ବୀମା ଆଇନ (ସଂଶୋଧନ) ବିଲ୍ ୨୦୦୮କୁ ସଂସଦରେ ଅନୁମୋଦିତ କରାଇବା ପାଇଁ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାରଙ୍କ ଲଗାତାର ପ୍ରଚେଷ୍ଟା କରି ମଧ୍ୟ ସଫଳ ହୋଇନାହିଁ । ବିରୋଧୀ ଆସନରେ ବସିଥିବା ବେଳେ ଯେଉଁ ବିଜେପି ଦଳ ଏହି ବିଲ୍‌କୁ ତୀବ୍ର ପ୍ରତିରୋଧ କରିଥିଲା କ୍ଷମତାସୀନ ହେବାର ମାତ୍ର ଦିନ କେଇଟା ମଧ୍ୟରେ ସେହି ଦଳ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଅକଳ୍ପନୀୟ ଆଗ୍ରହ ପ୍ରଦର୍ଶନ କରିଛି । ଉଭୟ FII ଓ FDI ନିବେଶ ସୀମା ୪୯ ପ୍ରତିଶତରେ ସୀମିତ ରଖିବା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପ୍ରସ୍ତାବକୁ ସଂଖ୍ୟାଧିକ ଦେଶବାସୀ ବିରୋଧ କରୁଥିବା ବେଳେ ଆନୁଷ୍ଠାନିକ ବିଦେଶୀ ପୁଞ୍ଜି ନିବେଶ ପାଇଁ ମୋଦି ସରକାର କ୍ଷେତ୍ର ପ୍ରସ୍ତୁତି କରିବା ବାସ୍ତବରେ ଆଶ୍ଚର୍ଯ୍ୟଜନକ । ସାମାନ୍ୟ ଜ୍ଞାନ ଥିବା ଯେ କେହି ବ୍ୟକ୍ତି କହିପାରିବ ଯେ ଆନୁଷ୍ଠାନିକ ବିଦେଶୀ ପୁଞ୍ଜି (FIIs) କେତେ ଅନିଶ୍ଚିତ । ଏହା ସତ୍ତ୍ୱେ, ସରକାର ଏହିଭଳି ପୁଞ୍ଜିକୁ ଆମନ୍ତ୍ରଣ କରିବା ଅର୍ଥ, ଜ୍ଞାତସାରରେ ବୀମା ଶିଳ୍ପର ସଞ୍ଚୟ ସୁରକ୍ଷାକୁ ବିପନ୍ନ କରିବା । ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀସମୂହକୁ ଘରୋଇକରଣ କରିବା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ନିୟନ୍ତ୍ରକଙ୍କ ପରିସର ବାହାରେ ଓ ସମସ୍ତ ଶ୍ରମ ଆଇନରୁ ଉର୍ଦ୍ଧ୍ୱରେ ରହି ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳରେ ବିଦେଶୀ କମ୍ପାନୀ କାର୍ଯ୍ୟ କରିବାପାଇଁ ସରକାର ଅନୁମତି ଦେଉଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଆମ ଦେଶରେ ବୀମା ବ୍ୟବସାୟ କରୁଥିବା ବିଦେଶୀ କମ୍ପାନୀଗୁଡ଼ିକର ବିଦେଶର ମୋଟ ସମ୍ପତ୍ତି ଆଧାରରେ ଆମ ଦେଶରେ ସଲଭେନ୍‌ସି ମାର୍ଜିନିର ଆବଶ୍ୟକତା ସ୍ଥିର କରାଯିବ । ପ୍ରସ୍ତାବିତ ଆଇନରେ ଏହି ସୁଦୂରପ୍ରସାରୀ ପରିବର୍ତ୍ତନ ପ୍ରସ୍ତାବ ରହିଛି । ଏହି ବିଲ୍ ବିରୋଧରେ, କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକର ସଂସଦରେ ସାମୂହିକ ମତ ସୃଷ୍ଟି କରାଇବାରେ AIIEA ର ପ୍ରଚାର ଯୋଗୁଁ ଫଳବତୀ ହୋଇପାରିଲା । ଅଧିକ ତର୍ଜମା ପାଇଁ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଯିବା ନିଷ୍ପତ୍ତି ଫଳରେ, ଆମର ଆନ୍ଦୋଳନ କିଛି ମାତ୍ରାରେ ଅଗ୍ରଗତି କରି ପାରିଛି ।

## ବିଭ୍ରାନ୍ତିକର ପ୍ରଚାର

ଭାରତୀୟ ଲୋକସଂଖ୍ୟାର ମାତ୍ର ୬ ପ୍ରତିଶତ ଜୀବନ ବୀମାଭୁକ୍ତ ବୋଲି ପୁଞ୍ଜିପତିଙ୍କ ଗଣମାଧ୍ୟମ ପକ୍ଷରୁ ଅହରହ ପ୍ରଚାର କରାଯାଉଛି । ୧୨୭ କୋଟି ଜନସଂଖ୍ୟା ବିଶିଷ୍ଟ ଆମ ଦେଶର ମୋଟ ୬୦ କୋଟି ବୀମାଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୩୦ କୋଟିଙ୍କୁ ବ୍ୟକ୍ତିଗତ ଭାବେ ବୀମାଭୁକ୍ତ କରାଯାଇଛି । ଏହି ହେଉଛି ଭାରତୀୟ ଜୀବନ ବୀମା କାଉନସିଲ ଦ୍ୱାରା ପ୍ରଦତ୍ତ ତଥ୍ୟ । ଏତଦ୍ ବ୍ୟତୀତ କେବଳ ୧୨ କୋଟି ବ୍ୟକ୍ତିଙ୍କୁ LIC ଗୋଷ୍ଠୀ ବୀମା ମାଧ୍ୟମରେ ବୀମାଭୁକ୍ତ କରିଛି । ଅର୍ଥାତ୍, ବୀମାଭୁକ୍ତ ହେବା ଯୋଗ୍ୟ ଜନସଂଖ୍ୟାର ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବୀମାଭୁକ୍ତ କରାଯାଇପାରିଛି । ସ୍ୱଳ୍ପ ବ୍ୟକ୍ତିଗତ ଓ ବଳକା ଆୟ ସହିତ ଜନସଂଖ୍ୟାର ଏକ ତୃତୀୟାଂଶ ଯେତେବେଳେ ଅନ୍ତହୀନ ଗରିବୀରେ ସଢୁଛନ୍ତି (ରାଷ୍ଟ୍ରପତିଙ୍କ କହିବା ଅନୁଯାୟୀ), ସେତେବେଳେ ଏହି ସଫଳତା ନିଶ୍ଚିତରୂପେ ଉଚ୍ଚକୋଟୀର, ଯାହାକୁ କି ବିଶ୍ୱ ଅର୍ଥନୈତିକ ମଞ୍ଚ (WEF) ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ବିଶ୍ୱବ୍ୟାପୀ ବୀମା ସାନ୍ଦ୍ରତାକୁ (Insurance density) ବିଚାର କରି ଏହି ମଞ୍ଚ ଆମ ଦେଶକୁ ସର୍ବୋଚ୍ଚ ମାନ୍ୟତା ପ୍ରଦାନ କରିଛି । ଏଣୁ ମାତ୍ର ୬ ପ୍ରତିଶତ ବୀମାଭୁକ୍ତ ହୋଇପାରିଛନ୍ତି ବୋଲି ପ୍ରଚାର କରି ଦେଶବାସୀଙ୍କୁ ବିଭ୍ରାନ୍ତ କରିବା, କେବଳ ଅପପ୍ରଚାର ନୁହେଁ ତାହା ନିଚ୍ଛକ ମିଛ ଅଟେ ।

ବୀମା ପ୍ରସାର କମ୍ ବୋଲି ପ୍ରଚାର କରିବା ନିଶ୍ଚିତ ରୂପେ ଅଜ୍ଞତାର ପରିଚାୟକ କିମ୍ବା ଜାଣି ଶୁଣି ଜନତାଙ୍କୁ ଭୁଆଇବା ଲକ୍ଷ୍ୟରେ ଉଦ୍ଦିଷ୍ଟ । ଅର୍ଥନୀତିର ଅଭିବୃଦ୍ଧି, ଆୟ ପରିମାଣ ଓ ବଳକା ଆୟ ଉପରେ ଜୀବନ ବୀମା ବ୍ୟବସାୟର ପ୍ରସାର ନିର୍ଭର କରେ । ଆମ ଦେଶର ହାରାହାରି ଆୟ ତୁଳନାରେ ଦଶଗୁଣ ଅଧିକ ଆୟ ହେଉଥିବା ଦେଶଗୁଡ଼ିକ ଅପେକ୍ଷା ଆମ ଦେଶର ବୀମା ପ୍ରସାର ଢ଼େର ଅଧିକ, ଏହା ଯେ କେହି ବି ସ୍ୱୀକାର କରିବାକୁ ବାଧ୍ୟ ହେବ । ବିଶ୍ୱର ଅନେକ ଶିଳ୍ପୋନ୍ନତ ରାଷ୍ଟ୍ର, ପୂର୍ବ ୟୁରୋପ ତଥା ଲାଟିନ୍ ଆମେରିକୀୟ ଦେଶ ସମୂହ ଅପେକ୍ଷା ଆମ ଦେଶରେ ଜୀବନ ବୀମାର ପ୍ରସାର (Insurance Penetration) ଯେ ଅଧିକ, ଏହା ସମସ୍ତେ ଜାଣିବା ଆବଶ୍ୟକ । ୨୦୧୩ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଜର୍ମାନୀ, ସ୍ପେନ, ଚୀନ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ବୀମା ପ୍ରସାର ଯଥାକ୍ରମେ ୩.୨, ୨.୯, ୩.୧, ୨.୫, ୧.୬, ୩.୦ ଓ ୦.୯ ପ୍ରତିଶତ ଥିବା ବେଳେ ଭାରତରେ ଏହା ୩.୧ ପ୍ରତିଶତ ଥିଲା । ଜନସାଧାରଣଙ୍କ ଆୟ ପରିମାଣ ଓ ବଳକା ଆୟ ଦୃଷ୍ଟିରୁ ଉପରୋକ୍ତ ଦେଶ ସମୂହ ଭାରତ ତୁଳନାରେ ନିଶ୍ଚିତ ରୂପେ ଅଧିକ ସୁବିଧାଜନକ ସ୍ଥିତିରେ ଅଛନ୍ତି । ଏ କ୍ଷେତ୍ରରେ ବିଶ୍ୱ ଅନୁପାତ ୩.୫ ପ୍ରତିଶତ । ତେଣୁ ସ୍ୱଳ୍ପ ବୀମା ପ୍ରସାର ସମ୍ପର୍କିତ କୁତ୍ସାରଟନା ସମ୍ପୂର୍ଣ୍ଣ ଭିତ୍ତିହୀନ । ବରଂ ବୀମା ବ୍ୟବସାୟ ପ୍ରସାର କରିବାରେ LICର ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ । ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ ଆମ ଦେଶର ବିଶାଳ ମାତ୍ରାର ଯୁବ ସମ୍ପ୍ରଦାୟ, ବ୍ୟାପକ ବୀମା ବଜାର ସୃଷ୍ଟି କରିପାରିବେ, ଯଦି ନିଯୁକ୍ତି ସୁଯୋଗ ସୃଷ୍ଟି ମାଧ୍ୟମରେ ସେମାନଙ୍କ ଆୟ ପରିମାଣକୁ ବୃଦ୍ଧି କରି ଏହି ବୀମା ବ୍ୟବସାୟକୁ ବୃଦ୍ଧି କରାଯାଇପାରିବ ।

## ସାଧାରଣ ବୀମାର ପ୍ରଦର୍ଶନ ବି ଉତ୍ସାହ ଜନକ

୨୦୦୩-୦୪ଠାରୁ ୨୦୧୨-୧୩ ଏହି ଦଶ ବର୍ଷ ମଧ୍ୟରେ ସାଧାରଣ ଜୀବନ ବୀମା ପ୍ରିମିୟମ ସାମଗ୍ରିକ ବାର୍ଷିକ ଅଭିବୃଦ୍ଧି ହାର ୧୭.୨ ପ୍ରତିଶତ ଥିଲା (ସାଧାରଣ ବୀମା କାଉନସିଲ୍) । ଏହି ସମୟ ମଧ୍ୟରେ ଦେଶର ମୋଟ ଆର୍ଥିକ ଅଭିବୃଦ୍ଧି ୭.୯ ପ୍ରତିଶତ ମଧ୍ୟରେ ରହିଥିଲା । ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଏହି ଅବଧି ମଧ୍ୟରେ ଭାରତୀୟ ଅର୍ଥନୀତି ଅପେକ୍ଷା, ସାଧାରଣ ବୀମା ବ୍ୟବସାୟର ଅଭିବୃଦ୍ଧି ହାର ଅଧିକ ଥିଲା । ଉଲ୍ଲେଖନୀୟ ଏହି କିଯେ, ଶିଳ୍ପ ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ୧୭.୨ ପ୍ରତିଶତ ତୁଳନାରେ ଏହି ବୃଦ୍ଧି ହାର ବହୁ ଅଧିକ ଥିଲା । ଏହା ସତ୍ତ୍ୱେ, ସାଧାରଣ ଜୀବନ ବୀମାର ପ୍ରସାର (Insurance Penetration) ପ୍ରଶଂସନୀୟ । ଆୟ ଓ ସମ୍ପଦର ବହୁଳ ତାରତମ୍ୟ ହେତୁ ଏହି ପ୍ରସାର ହାର ସୀମିତ ରହିଛି । ତଥାପି ୨୦୧୩ ମସିହାରେ ଏହା ଗତବର୍ଷ ତୁଳନାରେ ୦.୬୨ ପ୍ରତିଶତରୁ ୦.୮ ପ୍ରତଶତକୁ ବୃଦ୍ଧି ପାଇବା ସହିତ ବୀମା ସାନ୍ଦ୍ରତା ମଧ୍ୟ ୧୫୮ ଟଙ୍କାରୁ ୫୭୧ ଟଙ୍କାକୁ ବୃଦ୍ଧି ପାଇଥିଲା । ଭାରତର ୬ଟି କେନ୍ଦ୍ର ଶାସିତ ଅଞ୍ଚଳରେ ମୋଟ ବୀମା ପ୍ରସାର ହାର ୨.୨୩ ପ୍ରତିଶତ ଥିବା ବେଳେ, ନିମ୍ନ ସ୍ତରରେ ଥିବା ୧୦ଟି ରାଜ୍ୟର ଏହି ହାର ୦.୪୬ ପ୍ରତିଶତ, ଯାହାକି ଆର୍ଥିକ ସ୍ୱଚ୍ଛଳତା ଉପରେ ବୀମା ପ୍ରସାର ନିର୍ଭର ବୋଲି ପ୍ରମାଣିତ କରୁଛି । ସେହିପରି, ଦେଶର ରାଜଧାନୀ ଦିଲ୍ଲୀରେ ସାଧାରଣ ବୀମା ପ୍ରସାର ହାର ଓ ସାନ୍ଦ୍ରତା ଯଥାକ୍ରମେ ୧.୪% ଓ ୨୯୯୪ ଟଙ୍କା ଥିବା ବେଳେ ଉତ୍ତର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶରେ ଏହା ଯଥାକ୍ରମେ ୦.୪୭ % ଓ ୧୮୩ ଟଙ୍କା ଏବଂ ୦.୫୫ % ଓ ୨୭୪ ଟଙ୍କାରେ ରହିଛି । ବୀମା ପ୍ରସାରର ଏହି ବିରାଟ ବ୍ୟବଧାନ ଭାରତର ସାମାଜିକ ବାସ୍ତବତା ଓ ଅସନ୍ତୁଳିତ ପ୍ରଗତିକୁ ପ୍ରତିଫଳିତ କରୁଛି । ତେଣୁ, ଯେତେବେଳେ ବିଶ୍ୱ ଅର୍ଥନୈତିକ ମଞ୍ଚ ଭାରତର ସାଧାରଣ ବୀମାର ପ୍ରଦର୍ଶନକୁ ପ୍ରଶଂସା କରୁଛି ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ବିଶ୍ୱ ଅର୍ଥନୈତିକ ମଞ୍ଚ ମାନଦଣ୍ଡରେ ସାଧାରଣ ବୀମା ବ୍ୟବସାୟ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତ ତୃତୀୟ ସ୍ଥାନରେ ରହିଛି ।

ଆଶ୍ଚର୍ଯ୍ୟ ଜନକ ବିଷୟ ହେଉଛି ବ୍ୟାଙ୍କଗୁଡ଼ିକର ଏକତ୍ରୀକରଣ ପାଇଁ ଅର୍ଥମନ୍ତ୍ରୀ ବ୍ୟଗ୍ର ଥିବା ବେଳେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପର ମିଶ୍ରଣକୁ ବିରୋଧ କରିବା ପରି ଦ୍ୱନ୍ଦ୍ୱାତ୍ମକ ଅବସ୍ଥାନ ଗ୍ରହଣ କରିବା ସତରେ ବଡ଼ ବିଚିତ୍ର । ଭାରତର ଜନସାଧାରଣ ଓ ଅର୍ଥନୀତିର ଉନ୍ନତି ସାଧନ ଦିଗରେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପର ମିଶ୍ରଣ ବିଶେଷ ସହାୟକ ହେବ ।

## ଏଫ୍.ଡ଼ି.ଆଇ. ସୀମାବୃଦ୍ଧି ଯୋଗୁଁ ଅଧିକ ପୁଞ୍ଜି ଆସିବ କି ?

ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ଅବ୍ୟବହିତ ପୂର୍ବରୁ ବିଜେପି ନେତୃତ୍ୱାଧିନ ଏନ୍.ଡ଼ି.ଏ. ସରକାର, ବୀମା ଆଇନ (ସଂଶୋଧନ) ବିଲ ୨୦୦୮କୁ ସଂସଦରେ ଗୃହୀତ କରାଇ ଆମ ବୀମା ଶିଳ୍ପକୁ ଅଧିକ ଉନ୍ମୁକ୍ତ କରିବା ମାଧ୍ୟମରେ ଅଧିକ ବିଦେଶୀ ପୁଞ୍ଜି ଆମନ୍ତ୍ରଣ କରିବାର ପଥ ପ୍ରଶସ୍ତ କରିବାର ସମସ୍ତ ଚେଷ୍ଟା କରିଥିଲେ । ଭାରତୀୟ ବୀମା ଶିଳ୍ପ ଅଧିକ ପୁଞ୍ଜି ଆବଶ୍ୟକ କରୁଥିବାରୁ ଏ କ୍ଷେତ୍ରରେ ଉଦାରୀକରଣ କରାଗଲେ ୧୦ ବିଲିୟନ୍ ଡଲାର ମୂଲ୍ୟର ବିଦେଶୀ ପୁଞ୍ଜି ଆମ ଦେଶକୁ ଆସିବ ବୋଲି ଯୁକ୍ତି କରାଯାଉଛି । ୨୦୧୩ ଶେଷ ସୁଦ୍ଧା ଜୀବନ ବୀମା ଶିଳ୍ପରେ ମୋଟ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶର ପରିମାଣ ୬୦୪୬ କୋଟି ଟଙ୍କା (ପାଖାପାଖି ୧ ବିଲିୟନ ଆମେରିକୀୟ ଡଲାର) । ସାଧାରଣ ବୀମା କ୍ଷେତ୍ରରେ ବ୍ୟବସାୟରତ (ଉଭୟ ଦେଶୀ ଓ ବିଦେଶୀ) ୧୯ଟି ଘରୋଇ କମ୍ପାନୀଗୁଡ଼ିକର ମୋଟ ପୁଞ୍ଜି ଲଗାଣ ପରିମାଣ ମାତ୍ର ୫୯୭୫ କୋଟି ଟଙ୍କା । ଉଲ୍ଲେଖନୀୟ ଏହି କି ଯେ ଉଦାରୀକରଣ ପରଠାରୁ ସାଧାରଣ ବୀମା ଶିଳ୍ପରେ ସେପରି କୌଣସି ଆଖିଦୃଶିଆ ପୁଞ୍ଜି ବିନିଯୋଗ ହୋଇନାହିଁ । ତେଣୁ ଅଧିକ ବୀମା ଶିଳ୍ପକୁ ଉନ୍ମୁକ୍ତ କରି ଦେଲେ ଯେ ୧୦ ବିଲିୟନ ଡଲାର ପୁଞ୍ଜି ଆସିବ ବୋଲି ଆଶା କରିବା ଆକାଶ କୟାଁ ଚିଲିକା ମାଛ ସଦୃଶ । ଘରୋଇ ବୀମା କମ୍ପାନୀଗୁଡ଼ିକର ସହଯୋଗୀ ବିଦେଶୀ କମ୍ପାନୀ ସେମାନଙ୍କ ଗ୍ଲୋବାଲ୍ ପ୍ରିମିୟମ ଆୟର କିଛି ଅଂଶ ଆମ ଦେଶର ଭିତ୍ତିଭୂମି ବିକାଶ ଦିଗରେ ବିନିଯୋଗ କରିବାର କଳ୍ପନା ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହୋଇଛି । ତେଣୁ, ପ୍ରସ୍ତାବିତ ପୁଞ୍ଜି ନିବେଶ ସୀମା ବୃଦ୍ଧି ଫଳରେ ଅଧିକରୁ ଅଧିକ ବିଦେଶୀ ପୁଞ୍ଜି ଆମ ଦେଶକୁ ଆସିବ ବୋଲି ଆଶା ମରିଚୀକା ସଦୃଶ ଅଟେ ।

## ଏହି ଶିଳ୍ପର ଉଦାରୀକରଣ କେଉଁ ଉଦ୍ଦେଶ୍ୟରେ ?

ବିଦେଶୀ ପୁଞ୍ଜି ନାମରେ ରାଷ୍ଟ୍ରାୟତ୍ତ କ୍ଷେତ୍ରକୁ ଦୁର୍ବଳ କରିବା ମୂଳରେ କୌଣସି ଯୁକ୍ତିସଙ୍ଗତ କାରଣ ନାହିଁ । ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ସୀମା ବୃଦ୍ଧି ଜାତୀୟ ଅର୍ଥନୀତି କିମ୍ବା ବୀମାଧାରୀ କାହାର ବି ସ୍ୱାର୍ଥ ସାଧନ କରିବ ନାହିଁ । ମନେ ରଖିବା ଆବଶ୍ୟକ ଯେ, ବିଦେଶୀ ପୁଞ୍ଜି ଦ୍ୱାରା ଭାରତର ସାଧାରଣ ଜନଜୀବନର ଉନ୍ନତି ହେବ ନାହିଁ କାରଣ, ପୁଞ୍ଜିର (ସେ ଦେଶୀ ଅଥବା ବିଦେଶୀ ହେଉ) ଅସଲ ଚରିତ୍ର ହେଉଛି ସଦାସର୍ବଦା ଯେତେ ଅଧିକ ଲାଭ କରିବା ପାଇଁ ଉପାୟ ଖୋଜିବା । ବିଦେଶୀ ପୁଞ୍ଜିର ଛଞ୍ଚାଣ ଦୃଷ୍ଟି ଆଜି ବୀମା ଶିଳ୍ପର ପ୍ରଚୁର ଲାଭ କରିବାର ପର୍ଯ୍ୟାପ୍ତ ସୁଯୋଗ ଉପରେ ସନ୍ନିବିଷ୍ଟ । ଭାରତ ବର୍ଷର ବ୍ୟାପକ ଯୁବ ଜନସଂଖ୍ୟା ହିଁ ଏହି ସୁଯୋଗ ସୃଷ୍ଟି କରିଛି । ଆକଳନ କରାଯାଏ ଯେ ୨୦୨୦ ମସିହା ସୁଦ୍ଧା ଆମ ଦେଶର ଜୀବନ ବୀମାର ଅଭିବୃଦ୍ଧି ହାର ବର୍ତ୍ତମାନର ହାର ଅପେକ୍ଷା ୨.୫ ଗୁଣ ବୃଦ୍ଧି ପାଇବ। ସାଧାରଣ ବୀମା ବ୍ୟବସାୟ କ୍ଷେତ୍ରରେ ଏହି ବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ । ଆଗାମୀ କିଛି ବର୍ଷ ମଧ୍ୟରେ ପାରିବାରିକ ସଞ୍ଚୟର ଅଂଶ ମୋଟ ଆଭ୍ୟନ୍ତରୀଣ ଉତ୍ପାଦନର ଏକ ତୃତୀୟାଂଶକୁ ଟପିବ । ଶିଳ୍ପୋନ୍ନତ ଦେଶଗୁଡ଼ିକର କ୍ରମବର୍ଦ୍ଧିଷ୍ଣୁ ବୟସ୍କ ବ୍ୟକ୍ତି ଓ ସ୍ଥାଣୁ ବଜାର ଦୃଷ୍ଟିରୁ ଆମ ଦେଶର ଏହି କ୍ଷେତ୍ର ବିଦେଶୀ କମ୍ପାନୀଙ୍କ ପାଇଁ ଅତ୍ୟନ୍ତ ଲୋଭନୀୟ ସୁଯୋଗ ସୃଷ୍ଟି କରିଛି । ଦେଶର ମଙ୍ଗଳ ସାଧନ ନିମିତ୍ତ ଆଭ୍ୟନ୍ତରୀଣ ସଞ୍ଚୟ ରାଷ୍ଟ୍ର ନିୟନ୍ତ୍ରଣରେ ରହିବା ଉଚିତ୍ ନା ବିଦେଶୀ ପୁଞ୍ଜିର ତତ୍ତ୍ୱାବଧାନକୁ ଛାଡ଼ିଦେବା ଉଚିତ୍ ? କେବଳ ନୀତିଗତ ଅବସ୍ଥାନ ଗ୍ରହଣ ମାଧ୍ୟମରେ ବିଦେଶୀ ପୁଞ୍ଜିକୁ ବିରୋଧ କରିବା ଉଚିତ୍ ନୁହେଁ । **ଆମ ଦେଶ ଏକ ସଞ୍ଚୟ ଭିତ୍ତିକ ଅର୍ଥନୀତି ହୋଇଥିବାରୁ ସଞ୍ଚୟ ଉପରେ ବିଦେଶୀ କମ୍ପାନୀଙ୍କ କର୍ତ୍ତୃତ୍ୱ ବୃଦ୍ଧିପାଇବା ଆମ ଅର୍ଥନୀତି ପାଇଁ ଭୟଙ୍କର ସାବିତ୍ ହେବ । ଦେଶର ଅର୍ଥନୀତିକୁ ଅଧିକ ରୁଗଣ କରିବ ।** ତେଣୁ ପ୍ରତ୍ୟକ୍ଷ ବିଦେଶୀ (ପୁଞ୍ଜି) ନିବେଶ ସୀମା ବୃଦ୍ଧି ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରକୁ ଘରୋଇକରଣ କରିବା ପ୍ରକ୍ରିୟାକୁ ଦୃଢ଼ ଆତ୍ମପ୍ରତ୍ୟୟ ସହିତ ବିରୋଧ କରାଯିବା ଆବଶ୍ୟକ ।

Insurance Penetration is measured as gross premium Income as percentage of GDP. Where as Insurance density refers to percapita premium or premium per person.

❖❖❖

ଭାଷାନ୍ତର : **ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA**



# ସଂଗ୍ରାମ ପଥେ ଆଗେଇ ଚାଲ

**ନିରଞ୍ଜନ ନାହାକ, ସହ-ସମ୍ପାଦକ,**
**BDIEA**, ବ୍ରହ୍ମପୁର

ସଂଗ୍ରାମ କର, ସଂଗ୍ରାମୀ ହୁଅ, ସଂଗ୍ରାମ ପଥେ
ସାମ୍ୟବାଦୀ ହୁଅ ତୁମେ ଭାଇ
ଯେତେ ଅତ୍ୟାଚାର, ସେତେ ମିଥ୍ୟାଚାର, ଅନ୍ୟାୟ
ସହିବା ନାହି ଆଉ ହେ ଭାଇ
କାନ୍ଧକୁ-କାନ୍ଧ ମିଶାଇ ସକଳ - ସାଥୀ ହୋଇ
ଭାରତ ମାତାର ଗୀତ ଗାଇ
ଲଢ଼େଇ କର ଦାନା, କନା ଯେ ଖଣ୍ଡିକ ପାଇଁ
ସଂଗ୍ରାମ ପଥେ ନାବିକ ହୋଇ
କୃଷକ, ଶ୍ରମିକ ଜୀବନ ଧାରା ଯେ ବିପଦ
ସର୍ବବିଦିତ ଗଣା ହେ ଭାଇ
ଦେଶୀ-ବିଦେଶୀ ପୁଞ୍ଜିପତି କଳା ବେପାରୀଙ୍କୁ
ରାଜ୍ୟ-ଦେଶରୁ ତଡ଼ିବା ଯାଇ

ଧନୀ ଭାରତକୁ ଗରିବ ଭାରତ କଲେଣି
ରାଷ୍ଟ୍ର ମୁଖ୍ୟ ପ୍ରଧାନ ଗୋସେଇଁ
ରାହା ନାହିଁ, ସାହା ନାହିଁ ଆମ ପାଖରେ କେହି
ଜାଗି ଉଠ ହେ ଶ୍ରମିକ ଭାଇ
ସଙ୍ଗଠନ ଗଢ଼ି ସାଥୀ ନୂଆ ବନ୍ଧୁଙ୍କୁ ନେଇ
ସଙ୍ଗଠିତ କର ଏବେ ଯାଇ
ବେଳଥାଇ ରାସ୍ତାରେ ନ ଚାଲିଲେ ପଥ ଚାରୀ
ହୁଡ଼ିବନି ଚଲାପଥ ଭାଇ
ଆମେ ଲଢ଼ିବା, ଆମେ ଗଢ଼ିବା ଶ୍ରମିକ ହୋଇ
ସୁନା - ସଂସାର ହସିବା ପାଇଁ
ଜାଗି ଉଠ ସଂଗ୍ରାମ ପଥେ ଆଗେଇ ଚାଲ - ଭାଇ
ସମୟ ହୋଇଛି ''କାଳ'' ହୋଇ

❖❖❖



# ଅଚ୍ଛେଦିନ : ପରିବର୍ତ୍ତନ..... କାହା ପାଇଁ ?

**ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA**

୨୦୧୪ର ଷୋଡ଼ଶ ଲୋକସଭା ନିର୍ବାଚନ ପୂର୍ବରୁ ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିବା ତଥା ବିଜେପି ଦଳର ଭାବୀ ପ୍ରଧାନମନ୍ତ୍ରୀ ରୂପେ ଉପସ୍ଥାପିତ ହୋଇଥିବା ନରେନ୍ଦ୍ର ମୋଦୀଙ୍କ 'ଅଚ୍ଛେ ଦିନ....' ଆନେୱାଲା ହାଏ ଓ ତୃଣ ମୂଳ କଂଗ୍ରେସର ସଭାନେତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ **'ପରିବର୍ତ୍ତନ...'**ର ସ୍ଲୋଗାନ୍ ଜନମାନସକୁ ଆକର୍ଷିତ କରିଥିଲା ।

ଇଂରାଜୀ ଭାଷାରେ ପ୍ରଚଳିତ ଗୋଟିଏ ଆପ୍ତବାକ୍ୟ ହେଉଛି Change is the only unchangeable law of nature ସରଳ ଭାଷାରେ କହିଲେ ପରିବର୍ତ୍ତନ ହିଁ ପ୍ରକୃତିର ଏକମାତ୍ର ଅପରିବର୍ତ୍ତନୀୟ ନିୟମ । ପ୍ରଗତି, ଅଗ୍ରଗତି ଅଥବା ବିକାଶ ତଥା ଅଚ୍ଛେ ଦିନ ଆସିବା ପାଇଁ ପରିବର୍ତ୍ତନ ଯେ ଏକାନ୍ତ ଅପରିହାର୍ଯ୍ୟ ଏଥିରେ ଦ୍ୱିମତ ହେବାରେ ନାହିଁ । ପରିବର୍ତ୍ତନ ଫଳରେ ଯଦି ରାଷ୍ଟ୍ର, ସମାଜ, ଅର୍ଥନୀତି, ସାଧାରଣ ଲୋକଙ୍କ ସାମଗ୍ରିକ ଜୀବନର ଗତି ସ୍ଥିତାବସ୍ଥାର ଓଲଟା ଦିଗରେ ଗତି କରି ଭବିଷ୍ୟତ ଯନ୍ତ୍ରଣା ଜର୍ଜରିତ ହୁଏ, ତାକୁ କ'ଣ ପରିବର୍ତ୍ତନ କରିବା ? ଏଣୁ **ଅଚ୍ଛେ ଦିନ ପାଇଁ ପରିବର୍ତ୍ତନର ପ୍ରକୃତ ସଂଜ୍ଞା କଣ, କାହା ପାଇଁ ଓ କେମିତି ଆସିବ** ତାହା ହିଁ ଆଲୋଚନାର ବିଷୟ ବସ୍ତୁ ।

ପ୍ରଥମରେ, ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଗଠନ ପରେ କ'ଣ ପରିବର୍ତ୍ତନ ହୋଇଛି ? ଉଲ୍ଲେଖନୀୟ ଏହି କି ଯେ, ପଞ୍ଚଦଶ ଲୋକସଭାରେ ୩୦୦ କୋଟିପତି ସାଂସଦ ରହିଥିଲାବେଳେ ଚଳିତ ନିର୍ବାଚନ ପରେ ଏହି ସଂଖ୍ୟା ୪୪୨କୁ ବୃଦ୍ଧି ପାଇଛି । **ସରକାର ଗଠନର ୬୦ ଦିନ ମଧ୍ୟରେ ସମସ୍ତ କଳାଟଙ୍କା ବିଦେଶରୁ ଫେରାଇ ଆଣିବାର ବାହାସ୍ଫୋଟ ମାରୁଥିବା ଓ ଦେଶବାସୀଙ୍କୁ ଘିଅମହୁରେ ଭସାଇବାର ପ୍ରତିଶ୍ରୁତି ଦେଇଥିବା ଦଳ ଓ ତାଙ୍କ ନେତା, ୧୦୦ ଦିନ ମଧ୍ୟରେ ଗୋଟାଏ ବି ଟଙ୍କା ଆଣିବାରେ ସକ୍ଷମ ତ ହେଲେ ନାହିଁ ଓଲଟା କ୍ଷମତାକୁ ଆସୁ ଆସୁ ସାର, ଚିନି ତଥା ରେଳ ଯାତ୍ରୀ ଓ ମାଲ ଭଡ଼ା ବୃଦ୍ଧି କରିଲେ ।** ପୂର୍ବାପେକ୍ଷା ତ୍ୱରିତ ଗତିରେ ଦେଶବ୍ୟାପୀ ପରିବାପତ୍ର, ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦରବୃଦ୍ଧି ଘଟିଚାଲିଛି । ସମସ୍ତ ମନ୍ତ୍ରଣାଳୟ ଅଧିନସ୍ଥ ମନ୍ତ୍ରୀସ୍ତରୀୟ ବିଭାଗଗୁଡ଼ିକୁ ବିଲୋପ କରି ନିଷ୍ପତ୍ତି ନେବାର କ୍ଷମତା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କେନ୍ଦ୍ରୀଭୂତ କରିଛନ୍ତି । ଅଧିକାଂଶ ରାଜ୍ୟର ରାଜ୍ୟପାଳମାନଙ୍କୁ ପରିବର୍ତ୍ତନ କରିଛନ୍ତି । ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରିଛନ୍ତି । ପୁଞ୍ଜିପତି ଏବଂ ମାଲିକମାନଙ୍କ ଚାପରେ ଶ୍ରମ ଆଇନରେ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଆଗତ କରିଛନ୍ତି । ୨୦୧୩ ମସିହାରେ ଗୃହୀତ ହୋଇଥିବା ଜମି ଅଧିଗ୍ରହଣରେ ନ୍ୟାଯ୍ୟ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନକୁ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଆଣିଛନ୍ତି । ପ୍ରତିରକ୍ଷା ପରି ଅତ୍ୟନ୍ତ ସମ୍ବେଦନଶୀଳ କ୍ଷେତ୍ର ଓ ବୀମା ପରି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଶିଳ୍ପରେ ବିଦେଶୀ ଅଂଶଧନ ବୃଦ୍ଧି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଅହେତୁକ ଆଗ୍ରହ ପ୍ରଦର୍ଶନ ପୂର୍ବକ ପଦକ୍ଷେପ ଗ୍ରହଣ କରିଛନ୍ତି । ଉପରୋକ୍ତ ପରିବର୍ତ୍ତନ ସବୁ ସାଧାରଣ ଜନତାଙ୍କ ପାଇଁ କ'ଣ ଅଚ୍ଛେ ଦିନର ସନ୍ଦେଶ ଆଣିଛି ନା ଭବିଷ୍ୟତରେ ଆଣିବ ?

ଦ୍ୱିତୀୟରେ, ବିଭିନ୍ନ ଗଣମାଧ୍ୟମରେ ଯାହା ପ୍ରଚାରିତ ହେଉଛି ଏବଂ ଶତାବ୍ଦୀର ମହାନାୟକ ଅମିତାଭ ବଚ୍ଚନ ଯେଉଁ ରାଜ୍ୟକୁ ଅନ୍ତତଃ ପକ୍ଷେ ଥରେ ଭ୍ରମଣରେ ଆସିବା ନିମନ୍ତେ ସଦୃଶ୍ୟ ବିଜ୍ଞାପନ ମାଧ୍ୟମରେ ବାକି ଦେଶବାସୀଙ୍କୁ ଆମନ୍ତ୍ରଣ କରିଚାଲିଛନ୍ତି, ସେହି ବହୁଳ ପ୍ରଚାରିତ ଗୁଜରାଟର ବାସ୍ତବ ଚିତ୍ର କ'ଣ ? ନରେନ୍ଦ୍ର ମୋଦିଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଅମ୍ବାନୀ, ଆଦାନି, ଟାଟା ପରି ମେଗା ପୁଞ୍ଜିପତି ଗୋଷ୍ଠୀ ଗୁଜରାଟରେ ସେମାନଙ୍କ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାରିତ କରିଛନ୍ତି । ଅନ୍ୟ ଉଦ୍ୟୋଗ ସହିତ, ରିଲାଏନ୍‌ସ କମ୍ପାନୀ ଏହିଠାରେ ଦେଶର ସର୍ବବୃହତ ତୈଳ ବିଶୋଧାନାଗାର ସ୍ଥାପନ କରିଛି । ଆଦାନି ଗୋଷ୍ଠୀ ବିଗତ ବାର ବର୍ଷ ମଧ୍ୟରେ ତା'ର ମୋଟ ସମ୍ପତ୍ତି ପରିମାଣ ବାର ଗୁଣ (୨୦୦୨ରେ ୭୬୫ ମିଲିୟନ ଡଲାରରୁ ୨୦୧୪ ସୁଦ୍ଧା ୮୮୦୦ ମିଲିୟନ ଡଲାର) ବୃଦ୍ଧି କରିପାରିଛି । ଟାଟା ନାନୋ କାର ତିଆରି କାରଖାନା ସ୍ଥାପନା ପାଇଁ ୩୧୦୦୦ କୋଟି ଟଙ୍କାର ରିହାତି ପାଇଛି । ବିଭିନ୍ନ କମ୍ପାନୀଗୁଡ଼ିକୁ ଶସ୍ତାରେ ଜମି ପ୍ରଦାନ ବ୍ୟତୀତ ପ୍ରଚୁର ପରିମାଣର ଟିକସ ଛାଡ଼ କରିବା ହେତୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ଅନ୍ୟ ପକ୍ଷେ ହୋଇଛି କ'ଣ ? ଗୁଜରାଟର ସଂଖ୍ୟାଧିକ ସାଧାରଣ ଜନତାଙ୍କ ସାମାଜିକ ଜୀବନ ଓ ଆର୍ଥିକ ଅବସ୍ଥାର ନଗ୍ନ ଚିତ୍ରକୁ (ଯାହା କୌଣସି ଗଣମାଧ୍ୟମର ଗୁରୁତ୍ୱ ପାଏ ନାହିଁ) ଆମ ରାଜ୍ୟର ଜଣେ ଲବ୍ଧ ପ୍ରତିଷ୍ଠିତ ସ୍ତମ୍ଭକାର, ଆମ ସମସ୍ତଙ୍କ ଅତି ପରିଚିତ ଓ ପ୍ରିୟ ସାଥୀ ସନ୍ତୋଷ କୁମାର ମହାପାତ୍ର, ଦୈନିକ ସମ୍ବାଦପତ୍ର ଧରିତ୍ରୀର ୯-୪-୨୦୧୪ ସଂସ୍କରଣରେ **'ମୋଦିଙ୍କ ଗୁଜରାଟ ମଡ଼େଲ'** ଶୀର୍ଷକ ଲେଖାରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ମାନବ ଉନ୍ନୟନ ସୂଚକାଂକରେ ୨୦ଟି ପ୍ରମୁଖ ରାଜ୍ୟ ମଧ୍ୟରୁ ଗୁଜରାଟର ସ୍ଥାନ ୧୧ । ବିକାଶ ଦୃଷ୍ଟିରୁ ୨୮ ରାଜ୍ୟ ମଧ୍ୟରେ ଗୁଜରାଟର ସ୍ଥାନ ୧୨ । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହି ରାଜ୍ୟ ଦେଶରେ ୧୬ ଓ ୧୪ ତମ ସ୍ଥାନରେ ରହିଛି । ଶିଶୁ ମୃତ୍ୟୁହାର ଦୃଷ୍ଟିରୁ ୨୨ଟି ରାଜ୍ୟ ଗୁଜରାଟ ଠାରୁ ଆଗରେ ରହିଛନ୍ତି । ଆର୍ଥିକ ଅଭିବୃଦ୍ଧି ମାନଦଣ୍ଡରେ ତାମିଲ୍‌ନାଡ୍ରୁ, ମହାରାଷ୍ଟ୍ର, ବିହାର ଗୁଜରାଟଠାରୁ ଆଗରେ ଅଛନ୍ତି । ଦାରିଦ୍ର୍ୟ ନିରାକରଣରେ ଗୁଜରାଟ ରାଜ୍ୟ ଗୋଆ, କେରଳ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ହରିୟାନା, ତାମିଲନାଡୁ ରାଜ୍ୟଠାରୁ ପଛରେ ରହିଛି । ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ହାର ଜାତୀୟ ସ୍ତରରେ ୪୯ ପ୍ରତିଶତ ହୋଇଥିବା ବେଳେ ଗୁଜରାଟରେ ଏହା ୫୮ ପ୍ରତିଶତ । ତେଣୁ ଜାତୀୟ ନୀତି ଗୁଜରାଟୀୟ ଢାଞ୍ଚାରେ ପରିବର୍ତ୍ତନ ହେଲେ, ଅଚ୍ଛେ ଦିନ କାହା ପାଇଁ ଆସିବ - ପୁଞ୍ଜିପତିଙ୍କ ପାଇଁ ନା ଆମ୍ ଆଦମୀଙ୍କ ପାଇଁ ?

ତୃତୀୟରେ, ଦେଶର ଅନ୍ୟତମ ପ୍ରମୁଖ ରାଜ୍ୟ ପଶ୍ଚିମବଙ୍ଗର ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ କ୍ଷମତାସୀନ ହେଲା ପରେ କି ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳୁଛି ? ମୁଖ୍ୟମନ୍ତ୍ରୀଙ୍କ ବ୍ୟଙ୍ଗଚିତ୍ର ପ୍ରକାଶ କରିବା ଅପରାଧରେ ସେଠିକାର ପ୍ରମୁଖ ବିଶ୍ୱବିଦ୍ୟାଳୟର ସମ୍ମାନସ୍ପଦ ପ୍ରଫେସରଙ୍କୁ ଜେଲ ହାଜତକୁ ପଠାଯାଇଛି । ଦୂରଦର୍ଶନରେ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ସହିତ ଏକ ଆଲୋଚନା କାର୍ଯ୍ୟକ୍ରମ ଅଂଶ ଗ୍ରହଣ ଅବସରରେ ବିଦ୍ୟାର୍ଥୀଙ୍କ ପ୍ରଶ୍ନରେ ଅତିଷ୍ଠ ହୋଇ ସେମାନଙ୍କୁ କମ୍ୟୁନିଷ୍ଟ ଚିନ୍ତାଧାରା ବୋଲି ତିରସ୍କାର କରି ଖୋଦ୍ ମୁଖ୍ୟମନ୍ତ୍ରୀ ଧାର୍ଯ୍ୟ ସମୟ ପୂର୍ବରୁ ପଳାୟନ କଲେ ।

ମହିଳାମାନଙ୍କ ଉପରେ ଅତ୍ୟାଚାର, ବିଶେଷ କରି ଗଣ ଧର୍ଷଣ ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି ଓ ଅନେକାଂଶରେ ଶାସକ ଦଳର ବ୍ୟକ୍ତିମାନେ ଏହି ଘୃଣ୍ୟ କାର୍ଯ୍ୟରେ ସଂଶ୍ଳିଷ୍ଟ ଅଛନ୍ତି । ସ୍ଥଳ ବିଶେଷରେ ଧର୍ଷଣ ପରେ ଧର୍ଷିତାଙ୍କୁ ନିଆଁରେ ପୋଡ଼ି ବିଭତ୍ସ ଭାବରେ ହତ୍ୟା କରାଯାଇଛି । କେଉଁଠି ଧର୍ଷଣ ପରେ ଥାନାକୁ ଅଭିଯୋଗ ଦାଖଲ ପାଇଁ ଯାଉଥିବା ସମୟରେ ପୁନଶ୍ଚ ଧର୍ଷଣର ଶିକାର ହେବା ପରେ ଜଘନ୍ୟ ଘଟଣା ମଧ୍ୟ ଘଟୁଛି । ପିଡ଼ୀତା / ସେମାନଙ୍କ ପରିବାର ଲୋକଙ୍କୁ ସରକାର ସମବେଦନା ଜଣାଇବା ତ ଦୂରର କଥା, କେତେକ ସ୍ଥଳରେ ପୀଡ଼ିତା ନିଜେ ଦାୟୀ ପରି ଅଶାଳୀନ ମନ୍ତବ୍ୟ ଦେବା ସହିତ ସେମାନଙ୍କର ଚରିତ୍ର ସଂହାର ମଧ୍ୟ କରାଯାଉଛି । ଖୋଦ୍ ମୁଖ୍ୟମନ୍ତ୍ରୀ, ତାଙ୍କ ମନ୍ତ୍ରୀମଣ୍ଡଳର ମନ୍ତ୍ରୀ, ସାଂସଦ ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ ମାଧ୍ୟମରେ ରାଜ୍ୟରେ ଭୟର ବାତାବରଣ ସୃଷ୍ଟି କରିଚାଲିଛନ୍ତି । ନିର୍ବାଚନ ପରବର୍ତ୍ତୀ ସମୟରେ ବାମପନ୍ଥୀ ଦଳର ସଭ୍ୟ, ସେମାନଙ୍କ ପରିବାର ତଥା ସେମାନଙ୍କୁ ସମର୍ଥନ ଦେଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି ଓ ସେମାନେ ହତ୍ୟାର ମଧ୍ୟ ଶିକାର ହେଉଛନ୍ତି । ଗଣମାଧ୍ୟମରେ ଓ ସମ୍ବାଦପତ୍ରରେ ପ୍ରସାରିତ ଓ ପ୍ରକାଶିତ ଖବର ଉପରେ ଅଙ୍କୁଶ ଲଗାଇ ଗଣତନ୍ତ୍ରର କଣ୍ଠରୋଧ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଇ କ'ଣ ତା' ହେଲେ ଦିଦିଙ୍କ ଇପସିତ ପରିବର୍ତ୍ତନର ଧାରା ?

ବର୍ତ୍ତମାନ ପ୍ରଶ୍ନ ହେଉଛି, ତଥାକଥିତ ଅଚ୍ଛେ ଦିନ ପାଇଁ ଯେଉଁ ପ୍ରକାରର ପରିବର୍ତ୍ତନ ଆବଶ୍ୟକ, ତାହା ସମ୍ଭବ କି ? ଆମର ଉତ୍ତର ହେବ ହଁ, ନିଶ୍ଚୟ ସମ୍ଭବ । କାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଦେଶର ବାମପନ୍ଥୀ, ପ୍ରଗତିଶୀଳ ଦଳ ସାରା ଦେଶରେ ପ୍ରଚାର କରିଥିଲେ ଯେ କେବଳ ମାତ୍ର ନୀତି ପରିବର୍ତ୍ତନ ମାଧ୍ୟମରେ ହିଁ ଜାତୀୟ ଜନଜୀବନରେ ପରିବର୍ତ୍ତନ ଆସିବ । ଏବଂ ଏହି ପରିବର୍ତ୍ତନ ହିଁ ଅଚ୍ଛେ ଦିନକୁ ବାସ୍ତବତାର ରୂପ ଦେବ । ଆମର ଏଇ ଦେଶରେ ସେପରି ସ୍ୱର୍ଗୀୟ ଅବସ୍ଥାନର ରୂପରେଖ ଦେଖିବାକୁ ମିଳୁଛି । ଦେଶର ଉତ୍ତର-ପୂର୍ବାଞ୍ଚଳରେ ଅବସ୍ଥିତ ଗୋଟିଏ ଛୋଟ ରାଜ୍ୟ ତ୍ରିପୁରାରେ, ଯାହା ବିଷୟରେ କୌଣସି ଗଣମାଧ୍ୟମରେ କଦବା କ୍ୱଚିତ ଖବର ପ୍ରସାରିତ ହୋଇଥାଏ ।

୧୯୯୩ ମସିହାରେ ତ୍ରିପୁରାରେ ସର୍ବପ୍ରଥମେ କ୍ଷମତାକୁ ଆସିଥିବା ବାମପନ୍ଥୀ ଦଳ, ପରବର୍ତ୍ତୀ ପ୍ରତ୍ୟେକ ନିର୍ବାଚରେ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳି ହୋଇ କ୍ରମାଗତ ପାଞ୍ଚଥର ସରକାର ଗଠନ କରିବାରେ ସକ୍ଷମ ହୋଇଛନ୍ତି । କେମିତି ? କେବଳ ମାତ୍ର ଯୁଗୋପଯୋଗୀ, ଆବଶ୍ୟକ ନୀତିକୁ ଆପଣେଇବା ଫଳରେ । ଏଥିପାଇଁ ଗଣମାଧ୍ୟମ ଅଥବା ମିଡ଼ିଆର ପ୍ରଚାରର ଆବଶ୍ୟକ ପଡ଼ିନାହିଁ । ନିଜେ ଜନତାହିଁ ଏହି ଦଳର ପ୍ରଚାରକ ଭାବେ କାର୍ଯ୍ୟ କରିଛନ୍ତି । କାରଣ ଏହି ଦଳ ତା'ର ପ୍ରତ୍ୟେକ ପାଳିରେ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ ମାଧ୍ୟମରେ ଜନମଙ୍ଗଳକାରୀ ରାଷ୍ଟ୍ରର ଗୁରୁଦାୟିତ୍ୱକୁ ସଫଳତାର ସହିତ ନିର୍ବାହ କରିଚାଲିଛନ୍ତି । ଲଗାତାର ପାଞ୍ଚଥର ମୁଖ୍ୟମନ୍ତ୍ରୀ ଆସନ ମଣ୍ଡନ କରିଥିବା ବାମପନ୍ଥୀ ଦଳ ନେତା ମାନିକ ସରକାର ମାତ୍ର ୯୨୩୦ ଟଙ୍କା ମାସିକ ଦରମା ପାଇ ଦେଶର ସର୍ବାପେକ୍ଷା ଗରିବ ମୁଖ୍ୟମନ୍ତ୍ରୀ ବୋଲି ସେହି ଗଣମାଧ୍ୟମ ସ୍ୱୀକାର କରିଛନ୍ତି । ଗତ ତିନି ବର୍ଷ ମଧ୍ୟରେ ରାଜଧାନୀ ଅଗରତାଲା ଠାରୁ ଆରମ୍ଭ କରି ଗ୍ରାମୀଣ ତ୍ରିପୁରା ପର୍ଯ୍ୟନ୍ତ, ଜଣେ ହେଲେ ଭିକାରୀ ଦେଖିବାକୁ ମିଳିନି । ମନରେଗା କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ, ଲଗାତର ଚାରି ବର୍ଷ ଧରି ତ୍ରିପୁରା ସାରା ଦେଶରେ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି । କେରଳ ପଛକୁ, ତ୍ରିପୁରା ଦେଶର ଦ୍ୱିତୀୟ ସର୍ବାଧିକ ରବର ଉତ୍ପାଦନକାରୀ ରାଜ୍ୟର ମାନ୍ୟତା ଲାଭ କରିଛି । ଆଜି ତ୍ରିପୁରାର ପ୍ରତ୍ୟେକ ଗାଁରେ ସ୍କୁଲ ସ୍ଥାପନା ହୋଇପାରିଛି । ୧୦୦୦୦ ପ୍ରି-ପ୍ରାଇମେରୀ ସ୍କୁଲ ସମେତ ୬୦୦୦ ପ୍ରାଇମେରୀ ଓ ହାଇସ୍କୁଲ ସାରା ରାଜ୍ୟରେ ରହିଛି । ୧୯୯୩ ମସିହାରେ ଏହି ରାଜ୍ୟରେ ସାକ୍ଷରତା ହାର ୫୫ ପ୍ରତିଶତ ଥିବାବେଳେ ଆଜି ଏହା ୯୭ ପ୍ରତିଶତକୁ ବୃଦ୍ଧି ପାଇଛି । ବିଦ୍ୟୁତ୍ ସଂଯୋଗ, ଗମନାଗମନ, ପିଇବା ପାଣି, ଜଳସେଚନ, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ସେବା, ବଜାର ବ୍ୟବସ୍ଥା ପରି ମୌଳିକ ଭିତ୍ତିଭୂମି ପରିବ୍ୟାପ୍ତ ଓ ସୁଦୃଢ଼ ହୋଇ ପାରିଛି, ଯାହାକି ସାଧାରଣ ଜନତାଙ୍କ ଅର୍ଥନୈତିକ ମାନଦଣ୍ଡକୁ ସଶକ୍ତ କରିଛି । ସଂଘୀୟ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଏହି ରାଜ୍ୟ ଭାରତର ସମ୍ବିଧାନକୁ ଅକ୍ଷରେ ଅକ୍ଷରେ ପାଳନ କରି ରାଜ୍ୟବାସୀଙ୍କୁ ଧାର୍ମିକ ଭେଦଭାବରୁ ଉର୍ଦ୍ଧ୍ୱରେ ରଖିବା ସହିତ ଧର୍ମ ନିରପେକ୍ଷତାକୁ ବଜାୟ ରଖିପାରିଛି ଯାହାକି ରାଜ୍ୟବାସୀଙ୍କ ମଧ୍ୟରେ ଶାନ୍ତି ତଥା ସଦଭାବ ପ୍ରତିଷ୍ଠା ଓ ସୁଦୃଢ଼ କରିବାରେ ବିଶେଷ ସହାୟକ ହୋଇପାରିଛି । **'ପରିବର୍ତ୍ତନ ନୁହେଁ, ଉନ୍ନୟନ ଚାହୁଁ'** ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ମାଧ୍ୟମରେ ପ୍ରକାଶ କରିଛି ସେଠିକାର ଜଣେ ସାଧାରଣ, ସରଳ ରିକ୍ସା ଚାଳକ । ସେଠି ନିରନ୍ତର ପରିବର୍ତ୍ତନ ଘଟିଚାଲିଛି ଏବଂ ସେଠିକାର ଅଧିବାସୀ ଉନ୍ନୟନର ଉଚ୍ଚତର ସୋପାନର ଗୋଟାଏ ପରେ ଗୋଟାଏ ପାହାଚ ଅତିକ୍ରମ କରିଚାଲିଛନ୍ତି ।

**ଯାହା ତ୍ରିପୁରାରେ ହୋଇପାରିଲା ତାହା କ'ଣ ସାରା ଦେଶରେ ସମ୍ଭବ ହୋଇପାରିବ ନାହିଁ ? ହଁ ନିଶ୍ଚୟ ସମ୍ଭବ । ଚଳିତ ନିର୍ବାଚନରେ ବାମପନ୍ଥୀ ସାଂଖ୍ୟରେ ଶକ୍ତି ଊଣା ହୋଇଛି ସତ, କିନ୍ତୁ ଏହା ନିଶ୍ଚିତ ରୂପେ ଆହୁରି ଅଧିକ ଉତ୍ସାହ ଓ ସମ୍ଭାବନା ସୃଷ୍ଟି କରିଛି ଆଗାମୀ ଦିନରେ ଆହୁରି ଅଧିକ ବଳୀୟାନ ହେବା ପାଇଁ ।** ସମୟ ବହୁତ କମ, ରାସ୍ତା ବନ୍ଧୁର, ପରିସ୍ଥିତି ଜଟିଳ । ୨୦୧୪ ମସିହା ହେଉଛି ପୃଥିବୀ ଇତିହାସର କଳଙ୍କିତ ଅଧ୍ୟାୟ ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪)ର ସମ୍ବତ୍ସର ବର୍ଷ । କିନ୍ତୁ ଠିକ ଏହି ଯୁଦ୍ଧ ପରେ, ସମାଜବାଦୀ ସୋଭିଏତ୍ ସଂଘର ଉନ୍ମେଷ ଘଟିବା (୧୯୧୭) ତଥା ପୂର୍ବ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ କମ୍ୟୁନିଷ୍ଟ ଶାସନର ଉତ୍‌ଥାନ ଓ କ୍ରମବିକାଶ ବିଶ୍ୱ ରାଜନୀତିରେ ଏକ ନୂତନ ଯୁଗର ସୂତ୍ରପାତ ହୋଇଥିଲା । ତେଣୁ ୨୦୧୪ର ସାଧାରଣ ନର୍ବାଚନରେ ଧର୍ମୀୟ ଆଧାର ଓ ପୁଞ୍ଜିବାଦୀ ସମର୍ଥନରେ ବିଜେପି ପରି ଚରମ ଦକ୍ଷିଣପନ୍ଥୀ ଦଳ ଭାରତ ବର୍ଷର ଶାସନ ଭାର ହାତକୁ ନେବାରେ ସକ୍ଷମ ହୋଇଥିଲେ ମଧ୍ୟ ଜନବାଦି ଶକ୍ତିର ପୁନରୁତ୍‌ଥାନ ସମ୍ଭବ, ଏହା ନିଃସନ୍ଦେହ । ଇତିହାସ ପ୍ରମାଣିତ କରିଛି, ଯାହା ହେଲେ ବି ଅନ୍ତିମ ବିଜୟ ଜନଶକ୍ତିର । **ଏଣୁ ଆସନ୍ତୁ, ଆମେ ଚାହୁଁଥିବା ଅଚ୍ଛେ ଦିନ ପାଇଁ, ଆବଶ୍ୟକ ପରିବର୍ତ୍ତନର ସ୍ରୋତକୁ ଉନ୍ନୟନ ଦିଗରେ ଆଗେଇ ନେବା ପାଇଁ, ଜୋରଦାର ସଂଗ୍ରାମର ପ୍ରୟାସ ଏବେଠାରୁ ଜାରି ରଖିବା । ଗୁରୁତ୍ୱପୂର୍ଣ୍ଣ ଏହି କି ଯେ, AIIEAର ସଭ୍ୟ ହିସାବରେ ଆଗାମୀ ଦିନର ଏହି ବୃହତ୍ତର ଲଢ଼େଇରେ କେବଳ ଅଂଶୀଦାର ହେବା ନୁହେଁ ବରଂ ଲଢ଼େଇର ପୁରୋଭାଗରେ ରହି ଏହାକୁ କିପରି ଅଧିକ ଶାଣିତ ଓ ଶକ୍ତିଶାଳୀ କରାଯାଇପାରିବ, ସେଇ ଗୁରୁଦାୟିତ୍ୱ ମୋର, ଆପଣମାନଙ୍କର ଆମ ସମସ୍ତଙ୍କର ।**

❖❖❖



# ଦୁଇଟି ଆହ୍ୱାନ

**ଅଭୟ କୁମାର ଦାସ, ସାଂଗଠନିକ ସମ୍ପାଦକ, CDIEA**

ଆମେ ଯେଉଁମାନେ ବୀମାଶିଳ୍ପ ସହିତ ଜଡ଼ିତ ଜାଣିଛେ କଂସର ବନ୍ଦୀଶାଳାରୁ ଶ୍ରୀକୃଷ୍ଣ ଜନ୍ମ ନେବା ପରି ବହୁ ଝଡ଼ ଝଞ୍ଜାର ସାମ୍ନାକରି ଘରୋଇ ବୀମା କମ୍ପାନୀଙ୍କ ବନ୍ଦୀଶାଳାରୁ ୧୯୫୬ରେ AIIEAର ସଂଗ୍ରାମ ଜନ୍ମ ଦେଲା 'ଭାରତୀୟ ଜୀବନ ବୀମା ନିଗମ ଓ ୧୯୭୨ରେ ଜନ୍ମ ଦେଲା 'ରାଷ୍ଟ୍ରାୟତ୍ତ ସାଧାରଣ ବୀମା ସଂସ୍ଥା' । ସେହିଦିନଠାରୁ କଂସମାନେ ପରଦା ପଛରେ ରହି ରାଷ୍ଟ୍ରାୟତ୍ତ ବୀମା ସଂସ୍ଥାକୁ ଧ୍ୱଂସ କରିବାକୁ ସମସ୍ତ ଅପଚେଷ୍ଟା ଚାଲୁରଖିଛନ୍ତି । AIIEAର ଜନ୍ମତିଥିଠାରୁ ଆଜି ପର୍ଯ୍ୟନ୍ତ ବୀମା ଶିଳ୍ପକୁ ରକ୍ଷାକରିବାର ନିରନ୍ତର ଲଢ଼େଇକୁ ଯଦି ଦୁଇ ଭାଗରେ ଭାଗ କରାଯାଏ ପ୍ରଥମ ଭାଗରେ ଅଟୋମେସନ ବିରୁଦ୍ଧରେ, ବୋନସ ତଥା ମଜୁରୀ ବୃଦ୍ଧି ହାସଲ କରିବାରେ ବା LICକୁ ଭାଗ ଭାଗ କରି ପାଞ୍ଚଟି ସ୍ୱାଧୀନ ସଂସ୍ଥାରେ ପରିଣତ କରିବାର ଚକ୍ରାନ୍ତ ବିରୁଦ୍ଧରେ ଲଢ଼େଇ ସ୍ଥାନ ପାଏ । ଏହି ଲଢ଼େଇରେ କର୍ତ୍ତୃପକ୍ଷ/ସରକାର ନିସୃତ ଥିବାବେଳେ ଦ୍ୱିତୀୟ ଭାଗର ଲଢ଼େଇରେ ଆର୍ନ୍ତଜାତୀୟ ଶକ୍ତି ବିପକ୍ଷ ପଟରେ ରହି ଶତ୍ରୁପକ୍ଷଙ୍କୁ ଶକ୍ତିଶାଳୀ କରିଛି । AIIEA ପ୍ରତ୍ୟେକ ପରୀକ୍ଷାର ସମ୍ମୁଖୀନ ହୋଇ ବିଜୟୀ ହେବା ସହିତ ନିଜର ଶକ୍ତି ପ୍ରଦର୍ଶନ କରିଛି । ୧୯୯୯ରେ ଦେଶୀ ବିଦେଶୀ ଶକ୍ତିଙ୍କ ଚାପରେ ତତ୍କାଳୀନ NDA ସରକାର ବୀମା ଶିଳ୍ପକୁ ପ୍ରତିଦ୍ୱନ୍ଦିତା ପାଇଁ ଉନ୍ମୁକ୍ତ କଲେ ଓ ବିଦେଶୀ ଅଂଶଧନକୁ ୨୬%ରେ ସୀମିତ ରଖିଲେ । କିନ୍ତୁ ବିଦେଶୀ ଶକ୍ତି ୨୬%ରେ ସନ୍ତୁଷ୍ଟ ନ ହୋଇ ବାରମ୍ବାର ଆମ ସରକାରଙ୍କୁ ଚାପ ଦେଇଛନ୍ତି ଓ ସରକାର ଏ ପର୍ଯ୍ୟନ୍ତ ମଧ୍ୟ ବିଦେଶୀ ଅଂଶଧନକୁ ବୃଦ୍ଧି ନିମନ୍ତେ ବହୁ ଚେଷ୍ଟା କରିଛନ୍ତି । AIIEA ର ସଠିକ୍ ରଣ କୌଶଳ ଫଳରେ ସରକାର ବିଦେଶୀ ଅଂଶଧନ ବୃଦ୍ଧି କରିବାରେ ସଫଳ ହୋଇପାରିନାହାନ୍ତି । ବୀମାଶିଳ୍ପକୁ ଉନ୍ମୁକ୍ତ କରିଥିବା ରାଜନୈତିକ ଦଳ – ବିଜେପି ସମୟ କ୍ରମେ ପୁଣି କ୍ଷମତାସୀନ ହୋଇଛି । ମୁଦ୍ରାସ୍ଫୀତି, ବେରୋଜଗାରୀ ଭଳି ଭୟଙ୍କର ସମସ୍ୟାକୁ ପରଦା ପଛକୁ ଠେଲିଦେଇ ଆସୁ ଆସୁ ସରକାର ବୀମା ନିୟମ (ସଂଶୋଧନ) ବିଲ୍ –୨୦୦୮କୁ ପାରିତ କରିବାକୁ ବ୍ୟଗ୍ର । AIIEA ଏହି ବିଲ୍ ବିରୁଦ୍ଧରେ ପାଖାପାଖି ୧୭୦୦୦ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀଙ୍କ ମତାମତ ସଂଗ୍ରହ କରି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟକୁ ପଠାଇଛି ।

ମରୁଭୂମିରେ ମରୁଦ୍ୟାନ ସୃଷ୍ଟି କଲାଭଳି AIIEAର ବିଚକ୍ଷଣ ରଣକୌଶଳ ଫଳରେ ଅତ୍ୟନ୍ତ ଦୁର୍ବଳ, ଖଣ୍ଡ ବିଖଣ୍ଡିତ ବିରୋଧି ରାଜନୈତିକ ଶକ୍ତି ସରକାରଙ୍କ ପଥ ଓଗାଳିଛନ୍ତି ଓ ସରକାର ବାଧ ହୋଇ ସେ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇଛନ୍ତି । ବିଜେପି ସାଂସଦ ଡଃ ଚନ୍ଦନ ମିତ୍ରଙ୍କ ଅଧକ୍ଷତାରେ ରାଜ୍ୟ ସଭାର ଏକ ୧୫ ଜଣିଆ ସିଲେକ୍ଟ କମିଟି ଗଠନ କରାଯାଇଛି ଓ କମିଟି ଆଗାମୀ ଶୀତ କାଳୀନ ଅଧିବେଶନର (ନଭେମ୍ବର) ପ୍ରଥମ ସପ୍ତାହରେ ରିପୋର୍ଟ ଦାଖଲ କରିବାର ରହିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ବିଦେଶୀ ବିନିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଏ ବର୍ଷ ଶେଷ ପୂର୍ବରୁ ବିଲ୍ ପାରିତ ହେବ । ଏଥିରୁ ସ୍ପଷ୍ଟ ସରକାର କିଭଳି ସାମ୍ରାଜ୍ୟବାଦୀ ଶକ୍ତିଙ୍କ ସ୍ୱାର୍ଥପ୍ରତି ଅଙ୍ଗୀକାର ବଦ୍ଧ ।

ସିଲେକ୍ଟ କମିଟି ସେପ୍ଟେମ୍ବର ୪ ତାରିଖରୁ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି । ଯାହା ଖବର ମିଳୁଛି ଏହା ମଧ୍ୟରେ ଅର୍ଥମନ୍ତ୍ରାଳୟ ତାଙ୍କର ଯୁକ୍ତି ରଖିବା ସହିତ LICର ଚେୟାରମ୍ୟାନ, ତଥା ଶିଳ୍ପପତି–ପୁଞ୍ଜିପତିଙ୍କ ସଙ୍ଗଠନ / ଫେଡ଼େରେସନ୍ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି । ଏହା ମଧ୍ୟରେ ଘରୋଇ ବୀମା କମ୍ପାନୀମାନେ ସେମାନଙ୍କର ଯୁକ୍ତି ମଧ୍ୟ ବ୍ୟକ୍ତ କରିଛନ୍ତି । AIIEA ତା'ର ଲିଖିତ ଯୁକ୍ତି ପୂର୍ବରୁ ପଠାଇବା ସହିତ ୧୯ ସେପ୍ଟେମ୍ବର ୨୦୧୪ରେ ସଭାପତି ସାଥୀ ଅମାନୁଲ୍ଲା ଖାଁ ଓ ସାଧାରଣ ସମ୍ପାଦକ ଭି. ରମେଶ କମିଟି ପାଖରେ ନିଜର ସାକ୍ଷ୍ୟ ପ୍ରଦାନ କରି ବିଲ୍ ବିରୁଦ୍ଧରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଛନ୍ତି ।

ଯାହା ଶୁଣିବାକୁ ମିଳୁଛି LICର ଚେୟାରମ୍ୟାନ୍ ବିଦେଶୀ ପୁଞ୍ଜି ବୃଦ୍ଧିକୁ ସମର୍ଥନ କରିଛନ୍ତି । କିନ୍ତୁ ଏହା ଯଦି ସତ୍ୟ ହୋଇଥାଏ ତେବେ ପୂର୍ବତନ ଚେୟାରମ୍ୟାନ୍‌ଙ୍କ ଉକ୍ତିର ଏହା ବ୍ୟତିକ୍ରମ । ଚେୟାରମ୍ୟାନଙ୍କ ସମର୍ଥନ ଅଧିକାଂଶ କର୍ମଚାରୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏ ଅସନ୍ତୋଷ ବ୍ୟକ୍ତ କରିବା ସ୍ୱାଭାବିକ । କାରଣ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ କର୍ମଚାରୀମାନେ ଏ ନୀତିବିରୁଦ୍ଧରେ ଲଢ଼େଇ କରିଛନ୍ତି ଓ ଏହି ପ୍ରକ୍ରିୟା ମଧ୍ୟରେ LICକୁ ଅଧିକ ଜନପ୍ରିୟ ତଥା ଶକ୍ତିଶାଳୀ କରିଛନ୍ତି । ବୀମା କର୍ମଚାରୀମାନେ ଆଶା କରିଥିଲେ FDIକୁ ବିରୋଧ ନ କରିପାରିଲେ ବି ଚେୟାରମ୍ୟାନ୍ ଯଦି ନିରପେକ୍ଷ ରହିଥାଆନ୍ତେ ତେବେ ଭଲ ହୋଇଥାଆନ୍ତା । AIIEA ର ସଭାପତି ସାଥୀ ଅମାନୁଲ୍ଲା ଖାଁ ମିର୍ଜା ଘାଲିବଙ୍କ ଉକ୍ତିକୁ ଉଦ୍ଧାର କରି କହିଛନ୍ତି –

I hope for faith from the one
who does not know what it means to be faithful.

**ଅର୍ଥାତ୍ :** ମୁଁ ଜଣଙ୍କଠାରୁ ବିଶ୍ୱାସ ଆଶା କରିଥିଲି
ଯେ ଜାଣେନା ବିଶ୍ୱାସର ଅର୍ଥ କ'ଣ ।

AIIEA କୌଣସି ବ୍ୟକ୍ତି, ସଙ୍ଗଠନ, ସରକାର, ଆର୍ନ୍ତଜାତିକ ଶକ୍ତିର ଉକ୍ତି ବା ଅପଚେଷ୍ଟାରେ ବିଚଳିତ ନ ହୋଇ ଅତୀତରେ ଯେଭଳି ତା'ର ପରାକାଷ୍ଠା ଦେଖାଇଛି ଏବେ ବି ସେ ଲକ୍ଷ୍ୟ ପଥରୁ ଟିକେ ବି ବିଚ୍ୟୁତ ହେବ ନାହିଁ । **ସାଥୀ ଅମାନୁଲ୍ଲା ଖାଁଙ୍କ ଭାଷାରେ AIIEAର ସଭ୍ୟମାନଙ୍କ ପାଇଁ LIC ଏକ କ୍ୟାରିୟର ନୁହେଁ ବରଂ ଆଦର୍ଶଗତ ଅଙ୍ଗୀକାର ବଦ୍ଧତା । For the AIIEA & its Member LIC is not just a career opportunity but an ideological Commitment** । ଯେଉଁ ଆଦର୍ଶ ମଧ୍ୟରେ ଜାତୀୟ ସ୍ୱାର୍ଥ, ଦେଶବାସୀଙ୍କ ସ୍ୱାର୍ଥ ନୀହିତ ରହିଛି । ଆଜି AIIEAର ଯୁକ୍ତିକୁ ଅଧିକାଂଶ ଦେଶବାସୀ, ଆକ୍ଚୁୟାରୀ, IRDAର ଚେୟାରମ୍ୟାନ୍ ସମର୍ଥନ ଜଣାଇଛନ୍ତି । AIIEAର ଦୀର୍ଘ ଦଶନ୍ଧିର ଲଢ଼େଇ କେବଳ ରାଷ୍ଟ୍ରାୟତ୍ତ ବୀମା ସଂସ୍ଥାକୁ ସୁରକ୍ଷା ଦେଇନି, ପରିବର୍ତ୍ତିତ ପ୍ରତିଦ୍ୱନ୍ଦିତା ମୂଳକ ପରିସ୍ଥିତିରେ ଦୃଢ଼ ହୋଇ ଠିଆ ହେବାର ସୁଯୋଗ ସୃଷ୍ଟି କରିଛି । **ଯେଉଁ ସଂଗ୍ରାମ ଆଜି LICକୁ ମାର୍କେଟ ଲିଡ଼ରର ଆଖ୍ୟା ଦେଇଛି AIIEA ସେ ଲଢ଼େଇରୁ ତିଳେମାତ୍ର ବି ବିଚ୍ୟୁତ୍ ହେବ ନାହିଁ । ଯେଉଁ ଲଢ଼େଇ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱ ଓ ଜାତୀୟ ସ୍ୱାର୍ଥକୁ ସୁଦୃଢ଼ କରୁଛି, ସିଲେକ୍ଟ କମିଟିର ଫଳାଫଳ ଯାହା ହେଉନା କାହିଁକି AIIEAସେ ଲଢ଼େଇକୁ ପୂର୍ବବତ୍ ଚାଲୁ ରଖିବ ।**

ଆଜି ବୀମା କର୍ମଚାରୀଙ୍କ ସାମ୍ନାରେ ଦ୍ୱିତୀୟ ଚ୍ୟାଲେଞ୍ଜ ହେଉଛି ଏକ ଉନ୍ନତ ମଜୁରୀ ସଂଶୋଧନ । ଶିଳ୍ପର ଅଭିବୃଦ୍ଧି, କର୍ମଚାରୀଙ୍କ ଉତ୍ପାଦିକତା ଓ ଅବଦାନକୁ ବିଚାର କରି ୪୦% ମଜୁରୀ ବୃଦ୍ଧିର ଦାବି ଯଥାର୍ଥ । ଦୀର୍ଘ ୨

ବର୍ଷ ପରେ କର୍ତ୍ତୃପକ୍ଷଙ୍କ ୧୦.୫% ମଜୁରି ବୃଦ୍ଧି ପ୍ରସ୍ତାବ ଗ୍ରହଣୀୟ ନୁହେଁ କି ଆଲୋଚନା ପାଇଁ ଗ୍ରହଣୀୟ ଭିତ୍ତି ନୁହେଁ । ୨୦୦୭ରୁ ୨୦୧୨ ମଧ୍ୟରେ କର୍ମଚାରୀମାନଙ୍କ ମୁଣ୍ଡପିଛା ପଲିସି ସେବା ଓ ପ୍ରିମିୟମ ଆୟ ଦ୍ୱିଗୁଣିତ ହୋଇଛି । LIC ନୂତନ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବା ସହିତ, ଦାବି ସମାଧାନ, ରିନ୍ୟୁଆଲ ପ୍ରିମିୟମ ଓ ସମୁଦାୟ ପ୍ରିମିୟମରେ ଚମତ୍କାର କୃତିତ୍ୱ ହାସଲ କରିଛି । ପ୍ରତିବର୍ଷ ସରକାରଙ୍କୁ ଦେଉଥିବା ଉଦ୍‌ବୃତ୍ତ ବୃଦ୍ଧି ପାଇ ଚାଲିଛି ।

AIIEA ଜାଣେ ଶିଳ୍ପର ଅଭିବୃଦ୍ଧି ଓ କର୍ମଚାରୀଙ୍କ ଉତ୍ପାଦିକତା ଉନ୍ନତ ମଜୁରୀ ହାସଲ ପାଇଁ ଯଥେଷ୍ଟ ନୁହେଁ । **ଏକ ଶ୍ରେଣୀ ବିଭକ୍ତ ସମାଜରେ ଏକ ଉନ୍ନତ ମଜୁରୀ ଆଦାୟ କରିବା ସବୁଠୁ କଷ୍ଟକର ସଂଗ୍ରାମ । କାରଣ ଶ୍ରମିକର ମଜୁରୀ ବୃଦ୍ଧି ଘଟିଲେ ମାଲିକର ମୁନାଫା କମେ । ଜଣେ ଶ୍ରମିକ ଯେଉଁ ମୂଲ୍ୟ ସୃଷ୍ଟି କରେ ମାଲିକ ତା'ର ପୂର୍ଣ୍ଣ ଅଂଶ କେବେବି ଦିଏ ନାହିଁ । ଏହାହିଁ ପୁଞ୍ଜିବାଦ ବ୍ୟବସ୍ଥାର ଦର୍ଶନ ।**

ଆଜି ପରିସ୍ଥିତି ଅତ୍ୟନ୍ତ ଜଟିଳ । ଯେତେବେଳେ ସରକାର ନବ୍ୟ – ଆର୍ଥିକନୀତି ପାଇଁ ଅଙ୍ଗୀକାର ସେତେବେଳେ ଉନ୍ନତ ମଜୁରୀ ଆଦାୟ ଅତ୍ୟନ୍ତ କଷ୍ଟକର ବ୍ୟାପାର । ଆଜି ମୁନାଫା ପାଇଁ ଶ୍ରମ ଆଇନ ଯେତେବେଳେ ପୁଞ୍ଜିପତିଙ୍କ ସପକ୍ଷରେ ସରକାର ପରିବର୍ତ୍ତନ କରିବାକୁ ବଦ୍ଧ ପରିକର ସେ ସମୟରେ ମଜୁରୀ ଆଦାୟ କେତେ କଷ୍ଟ ସାଧ୍ୟ ତାହା ସହଜରେ ଅନୁମେୟ ।

**AIIEA ସାମ୍ନାରେ ଆଜି ଦୁଇଟି ଚ୍ୟାଲେଞ୍ଜ– ରାଷ୍ଟ୍ରାୟତ୍ତ ବୀମାର ସୁରକ୍ଷା ଓ ଉନ୍ନତ ମଜୁରୀ ଆଦାୟ ସମାନ ଗୁରୁତ୍ୱ ନେଇ ଉଭା ହୋଇଛି ।** AIIEA ର ଅତୀତର ଅଭିଜ୍ଞତା ହେଉଛି ଶତ୍ରୁ ଯେତେ ପରାକ୍ରମଶାଳୀ ହେଲେ ମଧ୍ୟ ସଠିକ୍ ରଣକୌଶଳ, ଐକ୍ୟବଦ୍ଧ ଆନ୍ଦୋଳନ ତା'କୁ ଅନାୟାସରେ ପରାଜିତ କରିଛି । AIIEA ନିଶ୍ଚିତ ବିଜୟମଣ୍ଡିତ ହେବ । ଏହି ବିଶ୍ୱାସ ନେଇ ଆସନ୍ତୁ AIIEA କୁ ଶକ୍ତିଶାଳୀ କରିବା ଓ ସୁନ୍ଦର ସମାଜ ଗଠନରେ ବ୍ରତୀ ହେବା ।

***(ଅକ୍ଟୋବର ମାସ ଇନସ୍ୟୁରାନସ୍ ୱାର୍କରର ସମ୍ପାଦକୀୟ ଉପରେ ପର୍ଯ୍ୟବସିତ)***

❖❖❖



# ସଚ୍ଚିଭାଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅବସରରେ କେଇପଦ

**କାଳି କିଙ୍କର ସାହୁ, ସମ୍ପାଦକ**
**ସି.ଏ.ବି. ବେସ୍ ୟୁନିଟ୍, କଟକ**

ଧନ୍ୟ ଭାଗ୍ୟ ମୋର ଆଜି ଏହିଠାରେ
ଉପସ୍ଥିତ ମୁଁ ହିଁ ଆପଣଙ୍କ ଠାରେ
ପୁଣ୍ୟ ମହାନଦୀ ପବିତ୍ର ତଟରେ
ଦିପଦ କହିବି ମୁଁ ନିଜ ଭାଷାରେ ।।
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ଦେଶବାସୀ ଆମେ ଏକ ସବୁଠାରେ
ଏକ ରାଷ୍ଟ୍ର ଆମ ଏକ ପରିଚୟ
ଏ କଥାକୁ ଆମେ ରଖିଛୁ ମଥାରେ ।।
UPA–II ର ଶାସନ ସରିଲା,
ଦଶବର୍ଷ କାଳ କେତେ ଦଶା ହେଲା ।
ଏବେ ଆସିଅଛି BJP ଶାସନ,
ତାଙ୍କ କଥା ଭାଷା ନ କହିଲେ ହେଲା ।।
ଆଜି ଯିଏ ହେଲେ ପ୍ରଧାନମନ୍ତ୍ରୀ
ଥିଲେ ସିଏ ଗୁଜୁରାଟ ମୁଖ୍ୟମନ୍ତ୍ରୀ
କର୍ମଚାରୀର ଆନ୍ଦୋଳନ ଦେଖି
ଚିପିଦେଇଥିଲେ କୋଟି ସ୍ନାୟୁ ତନ୍ତ୍ରୀ ।।
ଛଳନାର ଗୋଟେ ଚାଦର ଘୋଡ଼ାଇ
ଶିଳ୍ପପତି ସଙ୍ଗେ ହାତକୁ ମିଳାଇ
ଚଳାଇ ରଖିଲେ ନିର୍ବାଚନୀ ଯୁଦ୍ଧ
ଯିତିଲେ ଲଢ଼ିବେ ତାଙ୍କ ସ୍ୱାର୍ଥ ପାଇଁ ।।
ଜିତିଗଲେ ସିଏ ବହୁ ଭୋଟ ନେଇ
ନିର୍ମଳ ଶାସନର ଦୁହାଇ ସେ ଦେଇ
ବଢ଼ାଇ ଦେଲେ ସେ ବଜାରର ଭାଉ
ଜନତାଙ୍କୁ ଦେଲେ ଚିନ୍ତାରେ ବୁଡ଼ାଇ ।।

ଆଜି ବଜାରରେ ଲାଗିଅଛି ନିଁଆ
ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆକାଶଛୁଆଁ
ସର୍କାର ଚାହାନ୍ତି ରାଷ୍ଟ୍ରାୟତ୍ତ ଶିଳ୍ପ ବଳି ଅର୍ଥେ
ଚଳାଇବେ ଦେଶ ନାଆ ।।
FDI ଥିଲା ଛବିଶ ପ୍ରତିଶତ
ତାକୁ କରିବାକୁ ୪୯ ପ୍ରତିଶତ
ସର୍କାର ବାହାଦୂର କରନ୍ତି ମସୁଧା
ବିଦେଶୀ ଟଙ୍କାରେ ଉଡ଼ିବ ଆମ ନେତ ।।
ଘୋଷଣା କରିଲେ ପ୍ରଧାନମନ୍ତ୍ରୀ ଜନ-ଧନ
୧୫ କୋଟି ଜନ ସାଧାରଣ
ବ୍ୟାଙ୍କ୍ ଖାତା ଖୋଲି ହେବେ ବୀମାଧାରୀ
ଜୀବନ ବୀମାକୁ କଲେ ଅଧିକାରୀ ।।
ଦେଶ ଚାଲିବାକୁ ବିଦେଶୀ ପୁଞ୍ଜିର
ଦରକାର ହୁଏ ସରକାରଙ୍କର
କେଉଁ ମୁଖେ କରିଛନ୍ତି ଅଙ୍ଗୀକାର
ଯାହାକୁ ଉପେକ୍ଷା ତାଙ୍କୁ କି ଆଦର ? ।।
ଏ ବୀମାଶିଳ୍ପର ମୁଁ ଯେ କର୍ମଚାରୀ
ମୋ ମଜୁରୀ ପାଇଁ କରୁଛି ଗୁହାରୀ
ଦୁଇ ବର୍ଷ ହେବ ପଡ଼ିଛି ବକେୟା
ଦୟା ମାଗୁ ନାହିଁ ମଥାନତ କରି ।।
ଶୁଣ ମୋର ପ୍ରିୟ AIIEA ସଙ୍ଗଠନ
ଶୁଣ ମୋର ସଭ୍ୟ ସଭ୍ୟା ବନ୍ଧୁଜନ
ଦେଶ ବଞ୍ଚାଇବା ପାଇଁ ଦେବା ମନ
ଦେଶ ବଞ୍ଚିଲେ ଶିଳ୍ପ ହେବ ଉତ୍ଥାନ ।।

କହୁଛି ମୁଁ ଆଜି କାଳିକିଙ୍କର
ସାଥିରେ ଅଛନ୍ତି ମାନ ଗୋବିନ୍ଦ ବୀର
ସତ୍ୟବ୍ରତ ଆଜି ଦୃଢ଼ ଭାବେ ଠିଆ
ଶ୍ରୀକାନ୍ତ-ରମେଶ ଗଡ଼ ଜୟ କର ।।
ଆମ ଗହଣରେ ସଚ୍ଚି ଭାଇ ଥିଲେ
କଥା ଓ କାର୍ଯ୍ୟରେ କର୍ମବୀର ଥିଲେ
ଆଜି ତାଙ୍କର ଏ ବିଦାୟ ବେଳାରେ
କେ କରିବ ତାଙ୍କ କାର୍ଯ୍ୟ ଆଜି ଭଲେ ।।
ତୁମର ବାକ୍ୟରୁ ସ୍ଫୁରୁ ଅଗ୍ନିକଣା
ତୁମେ ସଙ୍ଗଠନ ସାର ଭାବେ ଗଣା
ରାଜନୀତିର ଏଇ ପଶା ପାଲିରେ
ଜିତିବା ଲଢ଼ିବା ନେବା ଯେ ପାଉଣା ।।
ରାଷ୍ଟ୍ରାୟତ୍ତ ଶିଳ୍ପ ରଖିବା ରାଷ୍ଟ୍ରର
ଦେଶ ଜନତାଙ୍କୁ କରି ଭାଗୀଦାର
ବୀମାଶିଳ୍ପକୁ ରଖିବା ବଞ୍ଚାଇ
ଲୋକମୁଖେ ଦେବା ଲୋକଙ୍କ କମାଇ ।।
ସତର ଲକ୍ଷ କୋଟି ବିଶାଳ ସମ୍ପଦ
ଲୁଟିବାକୁ ଚାହିଁଛନ୍ତି ଶ୍ୱାନ ଶ୍ୱାପଦ
ସେମାନେ ଏ ଦେଶ ଶିଳ୍ପପତି ଗଣ
ନେତା ସଙ୍ଗେ ମିଶି କରନ୍ତି ବଂହଣ ।।
କୋଟି ଜନତାର ଆଶା ଭରଷାର
କେନ୍ଦ୍ର ବିନ୍ଦୁ ଏଇ ସଙ୍ଗଠନ ମୋର
ବଞ୍ଚି ଉଠୁ ନୂଆ ତେଜ ରାଶି ନେଇ
ଦେଉଛି ଲାଲ ସଲାମ ମୋର ।।

❖❖❖



# ଶ୍ରମିକ ସ୍ୱାର୍ଥ ବିରୋଧି ଶ୍ରମ ଆଇନ

**ସତ୍ୟବ୍ରତ ଦତ୍ତଗୁପ୍ତ , ସଭାପତି, CDIEA**

ଅଗଷ୍ଟ ୭ – ଗୁରୁବାର : ଭାରତ ବର୍ଷ ଶ୍ରମିକମାନଙ୍କ ପାଇଁ ଆଉ ଏକ କଳା ଦିବସ ରୂପେ ଚିହ୍ନିତ ହେଲା । ଉପା –୨ ସରକାର ଜନବିରୋଧୀ ଉଦାରବାଦୀ ରାସ୍ତାରେ ଯାଇ ପ୍ରଚଳିତ ବିଭିନ୍ନ ଆଇନର ସଂସ୍କାର ମାଧ୍ୟମରେ ଦେଶର ସମସ୍ତ ପ୍ରକାର ସମ୍ପଦକୁ ଦେଶୀ ଓ ବିଦେଶୀ ପୁଞ୍ଜି ପତିଙ୍କ ଦ୍ୱାରା ଲୁଟ କରିବାର ଯେଉଁ ଉଦ୍ୟମ କରିଥିଲେ ତା'କୁ ଆହୁରି ତ୍ୱରାନ୍ୱିତ କରିବାକୁ ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର ଦେଶର ସମ୍ପଦ ଲୁଟ ପାଇଁ ଏବଂ ଶ୍ରମିକମାନଙ୍କ ଶୋଷଣ ପାଇଁ ସିଦ୍ଧାନ୍ତ ନେଇଛନ୍ତି ।

ମନ୍ତ୍ରୀ ସଭାର ନିଷ୍ପତ୍ତି ଅନୁସାରେ ସଂସଦରେ ଯେଉଁ ଶ୍ରମ ଆଇନ ସଂଶୋଧନ ବିଲ ଉପସ୍ଥାପନ କରାଗଲା ତାହା ମାଧ୍ୟମରେ ୩ଟି ସଂଶୋଧନୀ ବିଲ୍ ଉପସ୍ଥାପନ କରାଯାଇଛି । ୨ଟା ବିଲ୍ ଲୋକସଭାରେ ଉପସ୍ଥାପନ କଲାବେଳେ ଆଉ ଗୋଟେ ବିଲ୍ ରାଜ୍ୟ ସଭାରେ ଉପସ୍ଥାପନ କରାଯାଇଛି । ଉଲ୍ଲେଖନୀୟ ବିଷୟ ହେଲା ଯେ ଶ୍ରମିକକୁ ସିଧାସଳଖ ଆର୍ଥିକ ଶୋଷଣ ପାଇଁ ଉର୍ଦ୍ଦିଷ୍ଟ ଶ୍ରମ ରେଜିଷ୍ଟାର ସଂକ୍ରାନ୍ତ ବିଲ୍‌କୁ ରାଜ୍ୟ ସଭାରେ ଉପସ୍ଥାପନ କରାଯାଇଛି । ଅର୍ଥାତ୍ ରାଜ୍ୟ ସଭାରେ ଏହି ବିଲ୍‌ର କେବେବି ସାଧାରଣ ଅନ୍ତ ହେବ ନାହିଁ । କେବଳ ପ୍ରତ୍ୟାହାର ଅଥବା ଆଇନରେ ପରିଣତ ହେବା ମାଧ୍ୟମରେ ହିଁ ଏହାର ଅନ୍ତ ହେବ ।

ଲୋକସଭାରେ ଉପସ୍ଥାପିତ ବିଲ୍ ଦୁଇଟି ହେଲା :–

୧) କାରଖାନା ଆଇନ ସଂଶୋଧନୀ ବିଲ୍ ।

୨) ପ୍ରଶିକ୍ଷଣରତ ଶ୍ରମ ଆଇନ ସଂଶୋଧନୀ ବିଲ୍ ।

ଆଉ ରାଜ୍ୟ ସଭାରେ ଉପସ୍ଥାପିତ ବିଲ୍ ହେଲା – ଶ୍ରମ ରେଜିଷ୍ଟାର ସଂକ୍ରାନ୍ତ ସଂଶୋଧନୀ ବିଲ୍ ।

ସରକାର କହୁଛନ୍ତି ଶ୍ରମିକର ହିତ ପାଇଁ ଏହି ବିଲ୍ । କିନ୍ତୁ ବିଡ଼ମ୍ବନା ହେଲା ଯେଉଁ ଶ୍ରିମକର ହିତ ପାଇଁ ଏହି ବିଲ୍, ସେହି ଶ୍ରମିକର ସ୍ୱାର୍ଥକୁ ରକ୍ଷା କରୁଥିବା ତାଙ୍କର କୌଣସି କେନ୍ଦ୍ରୀୟ ସଙ୍ଗଠନ ସହିତ ଏ ସମ୍ବନ୍ଧରେ ସରକାର ଆଲୋଚନା ନିଷ୍ପ୍ରୟୋଜନ ବୋଲି ଧରି ନେଇ ଆଲୋଚନା କଲେ ନାହିଁ । ଏକ ତରଫା ଅଣାଯାଇଛି ଏହି ତଥା କଥିତ ଶ୍ରମିକ ହିତ ପାଇଁ ଉର୍ଦ୍ଦିଷ୍ଟ ସଂଶୋଧନୀ ବିଲ୍ । ତେଣୁ ଏହା କେବେବି ଶ୍ରମିକ ସ୍ୱାର୍ଥବାହୀ ନୁହେଁ – ଶ୍ରମିକ ସ୍ୱାର୍ଥ ବିରୋଧି ବିଲ୍ । ପରେ ଏହାକୁ ସଂସଦୀୟ ସ୍ଥାୟୀ କମିଟିକୁ ପଠାଯାଇଛି । ତେଣୁ ବିଲ୍ ଉପରେ ଆଲୋଚନାର ସୁଯୋଗ ରହିଛି ।

ସଂସଦରେ ଉପସ୍ଥାପିତ କାରଖାନା ଆଇନ ସଂଶୋଧନୀ ବିଲ୍ ଆଣିବାର ପ୍ରକୃତ ରହସ୍ୟ ରହିଛି ବିଲ୍‌ର ୫୬ ନଂ ଧାରାରେ । ଏହି ଧାରାନୁସାରେ ଶ୍ରମିକର ଦୈନିକ ନିର୍ଦ୍ଧାରିତ କାର୍ଯ୍ୟ ସମୟକୁ ୮ ଘଣ୍ଟାରୁ ୧୨ ଘଣ୍ଟା କରାଯାଇଛି । ବର୍ତ୍ତମାନର ବ୍ୟବସ୍ଥାନୁସାରେ – ୮ ଘଣ୍ଟା କାର୍ଯ୍ୟ ସମୟ ସହିତ (ଆବଶ୍ୟକତା ହେଲେ) ଅଧିକ ଅଢ଼େଇ ଘଣ୍ଟା କାର୍ଯ୍ୟକରିବାର ବ୍ୟବସ୍ଥା ଅଛି । ଅର୍ଥାତ୍ ସାଢ଼େ ଦଶ ଘଣ୍ଟାର କାର୍ଯ୍ୟକରିବାର ବ୍ୟବସ୍ଥା । ଏହାକୁ ପରିବର୍ତ୍ତନ କରି ବର୍ତ୍ତମାନ ୧୨ ଘଣ୍ଟା କାର୍ଯ୍ୟ କରିବାର ବ୍ୟବସ୍ଥା କରାଯାଉଛି । ମଜୁରୀ ବୃଦ୍ଧି କରିବାର କୌଣସି ବାଧ୍ୟବାଧକତା ବିଚାର ନ କରି ଶ୍ରିମକଙ୍କୁ ଅଧିକ ସମୟ ଖଟେଇ ଅଧିକ ଉତ୍ପାଦନ କରି ଅଧିକ ମୁନାଫା କରିବାର ଆଇନି ବ୍ୟବସ୍ଥା କରାଯାଉଛି ।

ଉଦାରୀକରଣ – ଜଗତିକରଣର ଆଧୁନିକ ଯୁଗରେ ଯେତେବେଳେ ଦେଶ ତମାମ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା, ଦୁଷ୍କର୍ମ ମାତ୍ରାଧିକ ଭାବେ ବୃଦ୍ଧି ପାଉଛି, ସେତେବେଳେ ''ମାଆ''ଙ୍କୁ ପୂଜା କରୁଥିବା ମୋଦିଙ୍କ ନେତୃତ୍ୱାଧୀନ ସରକାର ମହିଳାମାନଙ୍କୁ ରାତିରେ କାମ କରାଇବାର ଆଇନି ବ୍ୟବସ୍ଥା କରୁଛନ୍ତି । ମହିଳାମାନଙ୍କ ନିରାପତ୍ତା ପାଇଁ ପ୍ରଚଳିତ କାରଖାନା ଆଇନର ଧାରା ୬୬ର ବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ରାତିରେ (ସନ୍ଧ୍ୟା ୭ଟାରୁ ସକାଳ ୬ଟା) କାମରେ ନିୟୋଜିତ କରି ପାରୁ ନାହାନ୍ତି । ଆଇନ୍ ବ୍ୟବସ୍ଥାକୁ ବୁଢ଼ାଙ୍ଗୁଠି ଦେଖାଇ ସାଧାରଣତଃ ମହିଳା ଶ୍ରମିକଙ୍କୁ ତୁଳନାତ୍ମକ କମ ମଜୁରୀ ଦିଆ ଯାଇଥାଏ । ବର୍ତ୍ତମାନ ରାତିରେ ମହିଳା ଶ୍ରମିକକୁ କମ୍ ମଜୁରୀ ଦେଇ ଉତ୍ପାଦନ କରିବାର ଆଇନଗତ ବନ୍ଦୋବସ୍ତ କରାଯାଉଛି । ରୋଟି ରୋଜି ପାଇଁ ଶ୍ରମଜୀବୀ ମହିଳାମାନେ ବାଧ ହେବେ ରାତିରେ କାମ କରିବାକୁ । ଅର୍ଥାତ୍ କମ ଖର୍ଚ୍ଚରେ ଉତ୍ପାଦନ କରି ପୁଞ୍ଜିପତିର ଅଧିକ ମୁନାଫା କରିବାର ଆଇନଗତ ସ୍ୱୀକୃତି ଦିଆଯିବ । ଅପରପକ୍ଷରେ ଘରର ଝିଅ, ସ୍ତ୍ରୀ, ମାଆ – ରାତିରେ ପରିବାର ସହିତ ନ ରହିଲେ ପରିବାର ବିଭିନ୍ନ ଦୃଷ୍ଟିରୁ ଅବହେଳିତ ହେବ (ଯଥା– ପିଲାଙ୍କୁ ଖୁଆଇବା, ବୃଦ୍ଧ ବୃଦ୍ଧାଙ୍କ ଯତ୍ନ ନେବା ଇତ୍ୟାଦି) ଏବଂ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇ ସେହି ମହିଳା ଶ୍ରମିକ ହିଁ ପାରିବାରିକ ଦୃଷ୍ଟିରୁ ହଇରାଣ ହେବ ।

ଓଭର ଟାଇମ୍ ସମୟ ସୀମାକୁ ୫୦ ଘଣ୍ଟାରୁ ୧୦୦ ଏବଂ ୧୨୫ ଘଣ୍ଟାକୁ ବୃଦ୍ଧି କରିବାର ପ୍ରସ୍ତାବ ରଖାଯାଇଛି । ଏଥିରେ ଦୁଇ ଦିଗରୁ ଶ୍ରମିକ ଶ୍ରେଣୀ କ୍ଷତିଗ୍ରସ୍ତ ହେବ । ପ୍ରଥମତଃ ଓଭରଟାଇମ୍ କାମ ପାଇଁ ଅତିରିକ୍ତ ଅର୍ଥ ଦେବାର ନିୟମ କାନୁନ୍ ଥିଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ନିର୍ଦ୍ଧାରିତ ହାରରେ ପେମେଣ୍ଟ କରାଯାଉ ନାହିଁ ଫଳରେ ଅଧିକ ସମୟ ଓଭର ଟାଇମ୍‌ରେ କାମ କରି ମଧ୍ୟ ପ୍ରାପ୍ୟ ପାଉଣା ପାଇବେ ନାହିଁ । ଦ୍ୱିତୀୟତଃ ଓଭରଟାଇମ ସମୟ ବୃଦ୍ଧି ହେବାରୁ ନିଯୁକ୍ତିର ପଥ ସଙ୍କୁଚିତ ହେବ । ନୂତନ ସ୍ଥାୟୀ ନିଯୁକ୍ତି ଦେଇ ଉତ୍ପାଦନ ବୃଦ୍ଧି କରିବା ପରିବର୍ତ୍ତେ ଓଭରଟାଇମରେ ସମପରିମାଣ ଉତ୍ପାଦନ କରାଇଲେ ଶ୍ରମିକ ପାଇଁ ମାଲିକର କମ୍ ଖର୍ଚ୍ଚ ହେବ ଏବଂ ସ୍ଥାୟୀ ଶ୍ରମିକ ପାଇଁ ମାଲିକର ଅନ୍ୟାନ୍ୟ ଆର୍ଥିକ ଦାୟିତ୍ୱ ହ୍ରାସ ପାଇବ ଅର୍ଥାତ୍ ଅଧିକ ମୁନାଫା ହେବ ।

୨୦୧୧ ମସିହାରେ ଉପା –୨ ସରକାର ଆଣିଥିବା ଶ୍ରମ ରେଜିଷ୍ଟାର ସଂରକ୍ଷଣ ସଂଶୋଧନୀ ବିଲ୍ ସ୍ଥାୟୀ କମିଟିରେ ଆଲୋଚନା ପରେ ବର୍ତ୍ତମାନ ମୋଦି ସରକାର ରାଜ୍ୟ ସଭାରେ ପାରିତ କରିବା ପାଇଁ ଆଣିଛନ୍ତି । ପ୍ରଚଳିତ ନିୟମାନୁଯାଇ କୌଣସି କାରଖାନାରେ ୨୦ ଜଣ ଶ୍ରମିକ କାମ କରୁଥିଲେ – ମାଲିକ ଉକ୍ତ ଶ୍ରମିକଙ୍କ ନାମ – ମଜୁରୀ ଇତ୍ୟାଦି ସଂକ୍ରାନ୍ତ ତଥ୍ୟ ରେଜିଷ୍ଟରରେ ନଥିଭୁକ୍ତ କରି ରଖିବାର ବ୍ୟବସ୍ଥା ଅଛି । ବର୍ତ୍ତମାନ ଏହି ନ୍ୟୁନତମ ଶ୍ରମିକ ସଂଖ୍ୟାକୁ ୨୦ରୁ ବୃଦ୍ଧି କରି ୪୦ କରିବାର ଯୋଜନା ହେଉଛି । ଏବେ ଛୋଟ ଏବଂ ମଧ୍ୟମ ଶିଳ୍ପରେ ମଧ୍ୟ ଉନ୍ନତ ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି ପାଉଛି ଏବଂ ଉନ୍ନତ ଆଧୁନିକ ଯନ୍ତ୍ରପାତି ବ୍ୟବହାର ଫଳରେ ଅନେକ କଳ କାରଖାନାରେ ଶ୍ରମିକର ଆବଶ୍ୟକତା ହ୍ରାସ ପାଉଛି । ଏ ପରିସ୍ଥିତିରେ ଶ୍ରମିକର ତଥ୍ୟ ସମ୍ବଳିତ ରେଜିଷ୍ଟର ରଖିବା ନିୟମକୁ ଶିଥଳ କରିବା ଅର୍ଥ ଶ୍ରମିକର ମଜୁରି ସହିତ ଅନ୍ୟାନ୍ୟ ଆର୍ଥିକ ସୁଯୋଗ ସୁବିଧା ସମ୍ବନ୍ଧୀୟ ତଥ୍ୟାଦି ବିଷୟରେ ଜାଣିବାର ସୁଯୋଗ ଆଉ ରହିବ ନାହିଁ । ଅର୍ଥାତ୍ ମାଲିକର ଶ୍ରମିକକୁ ଆର୍ଥିକ ଶୋଷଣ କରିବାର ରାସ୍ତା ଆହୁରି ପ୍ରସାରିତ ହେବ ।

ସରକାରଙ୍କ ତରଫରୁ ଶ୍ରମମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରଶିକ୍ଷଣରତ ଶ୍ରମ ଆଇନ ସଂଶୋଧନୀ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି ଯେ ପ୍ରଚଳିତ ଏହି ଆଇନ ପ୍ରଶିକ୍ଷଣରତ ଶ୍ରମିକ ସଂଖ୍ୟା ବୃଦ୍ଧି କରିବାରେ ବାଧକ, ତେଣୁ ଏହାର ପରିବର୍ତ୍ତନ ବାଞ୍ଛନୀୟ । ଯେଉଁ କଥା ଶ୍ରୀଯୁକ୍ତ ତୋମାର କହିଲେ ନାହିଁ ତା' ହେଲା – ପ୍ରଶିକ୍ଷଣରତ ଶ୍ରମ ଆଇନ ୧୯୬୧ରେ ଦୋଷୀ ମାଲିକଙ୍କର ୬ ମାସ ପାଇଁ ଯେଉଁ କାରାବାସର ବ୍ୟବସ୍ଥା ଅଛି ତାହାର ଉଚ୍ଛେଦ । ସେହି ଧାରାରେ ପରିବର୍ତ୍ତନ କରି ୫୦୦ ଟଙ୍କା ଲେଖାଏଁ ଜୋରିମାନାର ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ ପ୍ରସ୍ତାବିତ ବିଲ୍‌ର ଧାରା ୭୨(୧)ରେ ଉଲ୍ଲେଖ କରାଯାଇଛି ଯେ ପ୍ରଶିକ୍ଷଣ ପ୍ରାପ୍ତ ଶ୍ରମିକ ଯେଉଁମାନେ ସେହି ଶିଳ୍ପରେ ପ୍ରଶିକ୍ଷଣ ପାଇଛନ୍ତି ସେମାନଙ୍କୁ ନିୟୋଗ କରିବାର କୌଣସି ଆଇନଗତ ବାଧ୍ୟବାଧକତା ରହିବ ନାହିଁ । ପ୍ରଶିକ୍ଷଣରତ ଶ୍ରମ ଆଇନରେ ଥିବା ଶ୍ରମିକର ସଂଜ୍ଞା ପରିବର୍ତ୍ତନ କରି ଠିକା ଶ୍ରମିକ, ଦୈନିକ ମଜୁରୀ ପ୍ରାପ୍ତ ଶ୍ରମିକ, ଆଂଶିକ ସମୟର ଶ୍ରମିକାଦିଙ୍କୁ ଅନ୍ତର୍ଭୁକ୍ତ କରାଯିବ । ମାଲିକମାନଙ୍କୁ ଉତ୍ସାହିତ କରିବା ପାଇଁ ଉତ୍ପାଦନ ପ୍ରକ୍ରିୟାରେ ପ୍ରଶିକ୍ଷଣରତ ଶ୍ରମିକ ପରିବର୍ତ୍ତେ ଠିକା / ଅସ୍ଥାୟୀ / ଅନିୟମିତ ଶ୍ରମିକ ତୁଳନାତ୍ମକ କମ୍ ମଜୁରୀରେ (ନ୍ୟୁନତମ ମଜୁରୀର ୭୦ ଶତାଂଶ) ନିୟୋଗ କରିବା ଆହୁରି ସହଜ ହେବ । ଏହା ଫଳରେ ଶ୍ରମିକ ପାଇଁ ସାମଗ୍ରିକ ଖର୍ଚ୍ଚ ବହୁଳାଂଶରେ କମିବ । ଶ୍ରୀଯୁକ୍ତ ତୋମାର କହିଛନ୍ତି – ଏହି ବିଲ୍ ସଂସଦରେ ପାରିତ ହେଲେ ପ୍ରଶିକ୍ଷଣରତ ଶ୍ରମିକ ସଂଖ୍ୟା ବର୍ତ୍ତମାନର ୨ ଲକ୍ଷରୁ ବୃଦ୍ଧି ପାଇ ୨୪ ଲକ୍ଷରେ ପହଞ୍ଚିବ । କମ୍ ମଜୁରୀ ଦେଇ ଅଧିକା ଉତ୍ପାଦନର ବ୍ୟବସ୍ଥାକୁ ଆଇନ୍ ଗତ ସ୍ୱୀକୃତ । ଅର୍ଥାତ୍ ମାଲିକର ମୁନାଫା ହିଁ ମୁନାଫା ।

ମୋଟ ୫୪ଟି ସଂଶୋଧନି ପ୍ରସ୍ତାବ ସହିତ ଏହି ବିଲ୍ ଆଇନରେ ପରିଣତ କରିବା ଅର୍ଥ – ପୁଞ୍ଜିପତି କର୍ପୋରେଟ ମାଲିକମାନଙ୍କୁ ଶ୍ରମ କ୍ଷେତ୍ରରେ ଏକ ଅବାଧ ଲୁଟ କରିବା ପ୍ରଥାକୁ ବଳବତ୍ତର ରଖିବା । ଶ୍ରମ ଆଇନ ଉଲଘଂନର ନଜିର ଯାହା ଥିଲା ସେସବୁ ହେଲା – ନ୍ୟୁନତମ ମଜୁରି ପ୍ରଶ୍ନରେ, ଶ୍ରମିକର ପ୍ରୋଭିଡେଣ୍ଟ ଫଣ୍ଡ ବିଷୟରେ, ଇ.ଏସ୍.ଆଇ., ଠିକା ଶ୍ରମିକ ପ୍ରଶ୍ନରେ, ଶ୍ରମିକର ସୁରକ୍ଷା ପ୍ରଶ୍ନରେ, ଶ୍ରମନିର୍ଘଣ୍ଟ ସମ୍ବନ୍ଧରେ, ଅନୈତିକ ଏକ ତରଫା ଶ୍ରମିକ ଛଟେଇ ଆଦି ପ୍ରଶ୍ନରେ । ଏସବୁ ସଂକ୍ରାନ୍ତିୟ ଅଭିଯୋଗକୁ ଏକା ଥରକେ ଉଭାନ କରିବାର ଚକ୍ରାନ୍ତ ହେଉଛି ଏହି ଆଇନ ସଂଶୋଧନ ମାଧ୍ୟମରେ । ସରକାରଙ୍କ ଲକ୍ଷ୍ୟ ଉଦ୍ଦେଶ୍ୟ ହେଉଛି ଶ୍ରମ କ୍ଷେତ୍ରରେ ମାଲିକ, ନିୟୋଗ କର୍ତ୍ତା ଓ କର୍ତ୍ତୃପକ୍ଷଙ୍କ ଯାବତୀୟ ଅନ୍ୟାୟ ଅତ୍ୟାଚାରକୁ ଆଇନି ବୈଧତା ଦେବା ।

**ଆଜି ଶ୍ରମିକର ସାମନାରେ ରାସ୍ତା ହେଉଛି ଲଢ଼େଇର । ତେଣୁ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍, ସଙ୍ଗଠନ ସମୁହଙ୍କଙ୍କ ଡାକରା ଆସନ୍ତା ୫ ଡିସେମ୍ବର ଦିଲ୍ଲୀ ଚାଲୋ ହିଁ ମୋଦି ସରକାରକୁ ବାଧ କରିବ ଶ୍ରମିକ ମାରଣା ନୀତିରୁ ନିବୃତ ହେବା ପାଇଁ ।**

❖❖❖

# ଧନ ଅଛି ତ ?

ସତ୍ୟନାରାୟଣ ଗନ୍ତାୟତ
**ରାୟଗଡ଼ା ବେସ୍, ବି.ଡ଼ି.ଆଇ.ଇ.ଏ.**



ଗୋଟିଏ ଦିନରେ ଦେଢ଼ କୋଟି ବ୍ୟାଙ୍କ୍ ଏକାଉଣ୍ଟ ଖୋଲି ବିଶ୍ୱ ରେକର୍ଡ଼ କରିଦେବା ଆପାତତଃ ସହଜ ହୋଇଗଲା । ହେଲେ ପୂର୍ବ ସରକାର ଗତ ଆର୍ଥିକ ବର୍ଷରେ କରିଥିବା ପାଖାପାଖି ୬୨ ଲକ୍ଷ ଏକାଉଣ୍ଟ ଏବେ ବି ଅଚଳାବସ୍ଥାରେ । ଭୋଟର କାର୍ଡ଼, ଫଟୋ ଆଧାର କାର୍ଡ଼ ଥିବା ପ୍ରତି ଲୋକ ଯେ ବ୍ୟାଙ୍କ୍ ଏକାଉଣ୍ଟ ଚାଲୁରଖିବାର ଶକ୍ତି ରଖନ୍ତି, ଏକଥା ଗ୍ରହଣଯୋଗ୍ୟ ନୁହେଁ ।

କଥା ହେଲା ଭରପୁର ଦାରିଦ୍ର୍ୟ ଅଛି ବୋଲି ହିଁ ଶସ୍ତାରେ ଆହାର ଦେବାକୁ ପଡୁଛି । ଆଉ ପଇସା କୁଆଡ଼େ ବଳିବ ଯେ ଜଣେ ବଢ଼ି ଚାଲିଥିବା ଦରବୃଦ୍ଧିକୁ ସାମ୍ନା କରିସାରିବା ପରେ ଟଙ୍କା ବ୍ୟାଙ୍କ୍ ଏକାଉଣ୍ଟରେ ଆଣି ଥୋଇବ । ତେଣୁ ବ୍ୟାଙ୍କ୍ ଏକାଉଣ୍ଟ ସବୁ ଅଚଳ ହୋଇଛି, ହେଉଛି ଓ ହେଉଥିବ ମଧ୍ୟ । ବାକି ରହିଲା ସବ୍‌ସିଡ଼ି ଟଙ୍କା ସିଧା ଏକାଉଣ୍ଟକୁ ଯିବା । ଏତିକି ଯଥେଷ୍ଟ ନୁହେଁ ଏଭଳି ଏକାଉଣ୍ଟଗୁଡ଼ିକୁ ପରିଚାଳନ କରିବା ଦିଗରେ ବ୍ୟାଙ୍କ୍‌ମାନଙ୍କ ଖର୍ଚ୍ଚ ଭରଣା ପାଇଁ । ପୁଣି ପ୍ରଶ୍ନ ଉଠୁଛି ଏଇ ତଥା କଥିତ ସବ୍‌ସିଡ଼ିଗୁଡ଼ିକ ପ୍ରତି ସାମ୍ପ୍ରତିକ ଜାତୀୟ ଅର୍ଥନୀତିର ଅଙ୍ଗୀକାରବଦ୍ଧତା କେତେ ? ଗରୀବ ଲୋକେ ରାସନ କାର୍ଡ଼ ଭଳି ହରେକ ରକମର କାର୍ଡ଼ ବନ୍ଧା ପକାନ୍ତି / ବିକନ୍ତି । ଏପରିକି ସମସ୍ତ ଯୋଜନା ସତ୍ତ୍ୱେ ପିଲା ବିକ୍ରି କଥା ଉଠୁଥିବାବେଳେ ଏବଂ ଅଭାବୀ ବିକ୍ରି ଲାଗି ମରୁଥିବା ଚାଷୀ ପାଖରେ ଏସବୁ କାର୍ଡ଼ ବା ଏକାଉଣ୍ଟ ମୂଲ୍ୟହୀନ । ସମୟ ଏହି ନିଷ୍ଠୁର ବାସ୍ତବତାର ବୟାନ ଦେଇସାରିଛି ।

ତେବେ ଏଇ ଯୋଜନାର ସହାୟକ ଏଜେଣ୍ଟଙ୍କ କମିଶନ୍, ଦୁର୍ଘଟଣା ଓ ଜୀବନ ବୀମା ପ୍ରିମିୟମ ବହନ କରିବ କିଏ ? ମାସିକ ଏକ ହଜାର ଟଙ୍କା ବି ମିଳିନଥିବାରୁ ପାଖାପାଖି ଦୁଇ ଲକ୍ଷ ୪୮ ହଜାର ସବଏଜେଂଟ କାମ ହିଁ କରୁନାହାଁନ୍ତି । କାରଣ ସବୁ ସବ୍‌ସିଡ଼ି ବ୍ୟାଙ୍କ୍ ମାଧ୍ୟମରେ ମିଳିପାରିନାହିଁ । ଏଥିରେ ପୁଣି ମାସିକ ପାଞ୍ଚ ହଜାର ଟଙ୍କା ଦେଇ ପଚାଶ ହଜାର ସବ୍ ଏଜେଣ୍ଟ କରିବା କଥା ଉଠୁଛି ।

ଯେଉଁ ଓଭର ଡ୍ରାଫ୍ଟର ପ୍ରଲୋଭନ ଅଛି, ଧରାଯାଉ ସେଇ ମୋହରେ ଏତେ ସଂଖ୍ୟାରେ ଏକାଉଣ୍ଟ ଖୋଲୁଛି ଓ ଆହୁରି ଖୋଲାଯିବ, ତାହାହେଲେ ସେଇ ଓଭର ଡ୍ରାଫ୍ଟ ମିଳିଗଲା ପରେ ମଧ୍ୟ ସେଯାଏ ବ୍ୟାଙ୍କ୍‌ରେ କିଛି କିଛି କାରବାର କରିଆସିଥିବା ଖାତାଧାରୀ ସେ ସେଇ ଓଭରଡ୍ରାଫ୍ଟ ପରିଶୋଧ କରିପାରିବେ ତାର କିଛି ଗ୍ୟାରେଂଟି ଅଛି କି ? ଏହା ହୁଏତ ସମୟ ହିଁ କହିବ । ହର୍ଷଦ ମେହେଟ୍ଟା ସ୍କାମ ପରଠୁ କ୍ରମାଗତ ଭାବେ ସୃଷ୍ଟି ହୋଇଥିବା ବ୍ୟାଙ୍କମାନଙ୍କର ଅଣଉତ୍ପାଦନକ୍ଷମ ସମ୍ପତ୍ତିର ବୋଝ ବଢ଼ିଚାଲିଛି ।

ଏମିତିରେ ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କ ଉପରେ ଏଭଳି ଋଣର ବୋଝ ବହୁତ ବେଶୀ । ପୁଣି ଆଇ.ଆଇ.ଟି., ଆଇ.ଆଇ.ଏମ୍. ପାଇଁ ଦିଆଯାଇଥିବା ବ୍ୟାଙ୍କ ଋଣ ବି ସମ୍ପୃକ୍ତ ହିତାଧିକାରୀମାନେ କ୍ୱଚିତ ପୈଠ କରିଥାନ୍ତି । ଯଦିଓ ସେମାନେ ଅତି ସ୍ୱଚ୍ଛଳ ବର୍ଗର ଏବଂ ଶିକ୍ଷା ପରେ ପରେ ବଡ଼ ଉପାର୍ଜ୍ଜନକ୍ଷମ ଗୋଷ୍ଠୀରେ ସାମିଲ୍ ହୋଇଯାଆନ୍ତି । ପୁଣି ଏବେ ସେଇ ଓଭରଡ୍ରାଫ୍ ହେଉ କି ଯେ କୌଣସି ରକମର ଋଣ ଅଶୁଝା ରହିବା ଓ ଏକାଉଣ୍ଟଗୁଡ଼ିକ ଅଚଳ ହେବା ଜନିତ କାରଣରୁ ହିଁ ଓ୍ୱାନ ଟାଇମ୍ ସେଟଲମେଣ୍ଟ ଭୋଟ ବ୍ୟାଙ୍କ୍ ରାଜନୀତିରୁ ସୃଷ୍ଟ ଋଣ ଛାଡ଼ କରିବାକୁ ବ୍ୟାଙ୍କ୍‌ମାନେ ବାଧ୍ୟ ହେଉଛନ୍ତି ।

ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା ଜିରୋ ବାଲାନ୍ସ ମାଧ୍ୟମରେ ହିରୋ ସୃଷ୍ଟି କରିଦେଇପାରେ । ତେବେ ଏହା ସେତେବେଳେ ସଫଳ ହେବ, ଯେତେବେଳେ ଏମିତି ଦିନକରେ ନ ହେଲେ ନାହିଁ କିଛି ମାସରେ ବରଂ ଏହି ଖାତାଧାରୀମାନଙ୍କର ଆୟ ଘରକୁ ଶୂନ ନ କରି କିଛି ଅଙ୍କ ପରେ ଶୂନ ବସାଇବାର ସୁଯୋଗ ପ୍ରଦାନ ହେବ ।

**ଜନ-ଧନ ସମ୍ମାନ ଆଣିଦେଇପାରେ କାରଣ ଆମର ଏଠି ଏସବୁ ପାଇଁ ବହୁତ ଜନ ଅଛନ୍ତି । ହେଲେ ସେମାନଙ୍କ ପାଇଁ ଧନ ଅଛି ତ ???**

**(ଲେଖକ ଜଣେ ପ୍ରତିଷ୍ଠିତ ସାହିତ୍ୟିକ, ତାଙ୍କ ସତ୍ତ ନିୟମିତ ଭାବେ ସମ୍ବାଦରେ ପ୍ରକାଶ ପାଏ)** ❖❖❖



# ଧର୍ମନିରପେକ୍ଷ ଶକ୍ତିଙ୍କ ସମ୍ମୁଖରେ ନୂଆ ଆହ୍ୱାନ

**ଗଜେନ୍ଦ୍ରନାଥ ମହାନ୍ତି,** ଉପସଭାପତି
**ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍**

ଏଥି ମଧ୍ୟରେ କେନ୍ଦ୍ରରେ ପ୍ରତିଷ୍ଠିତ ନରେନ୍ଦ୍ର ମୋଦିଙ୍କ ସରକାର ଶହେରୁ ଉର୍ଦ୍ଧ୍ୱ ଦିନ ପୂରଣ କରିଛନ୍ତି । ଏହି ଦିନ ମଧ୍ୟରେ ଦେଶର ଜନଗଣଙ୍କ ପାଇଁ ଭଲ ଦିନ ନୁହେଁ ଭୟଙ୍କର ଦିନ ଆସୁଥିବାର ସୂଚନା ମିଳିଛି । ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଭାରତୀୟ ଜନତା ପାର୍ଟିର ଅନ୍ୟତମ ପରିଚୟ ହେଉଛି ଯେ ଏହା ଏକ 'ଫାର ରାଇଟ' ପାର୍ଟି ଅର୍ଥାତ୍ ଅତି ଦକ୍ଷିଣପନ୍ଥୀ ପାର୍ଟି । ସେହି ପାର୍ଟି ଲୋକସଭାରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢ଼ିଛି । ଏହି ଦଳ ଆଜି ଅମିତ ଶାହଙ୍କୁ ଜାତୀୟ ସଭାପତି ଆସନରେ ଅଧିଷ୍ଠିତ କରିଛି । ତେଣୁ ଦଳ ଯେପରି କେବେ ମୋଦିଙ୍କ ପାଇଁ ଅଡୁଆ ସୃଷ୍ଟି କରି ନ ପାରିବ ସେଥିପାଇଁ ଶାହାଙ୍କୁ ବିଜେପିର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ କରାଇବାରେ ମୋଦିଙ୍କ ପ୍ରଚ୍ଛନ୍ନ ହାତ ରହିଛି । ସେ ଗୁଜୁରାଟର ଲୋକ ଏବଂ ନରେନ୍ଦ୍ର ମୋଦିଙ୍କର ଅତି ବିଶ୍ୱସ୍ତ ତଥା ନିକଟତମ ବ୍ୟକ୍ତି । ଗତ ସାଧାରଣ ନର୍ବାଚନରେ ତାଙ୍କୁ ଉତ୍ତରପ୍ରଦେଶର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ତାଙ୍କର ନେତୃତ୍ୱରେ ବିଜେପି ଉତ୍ତରପ୍ରଦେଶର ୮୦ଟି ଲୋକସଭା ଆସନ ମଧ୍ୟରୁ ୭୩ଟି ଅକ୍ତିଆର କରି ପାରିଛି । ତାଙ୍କର ଏହି ଦକ୍ଷତାକୁ ସ୍ୱୀକୃତି ଦେବା ପାଇଁ ତାଙ୍କୁ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ କରାଯାଇଛି ।

ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଜେପି ଏକ ହିନ୍ଦୁ ଜାତୀୟତାବାଦୀ (ହିନ୍ଦୁ ନ୍ୟାସନାଲିଷ୍ଟ) ପାର୍ଟି ବା ଅତି ଦକ୍ଷିଣପନ୍ଥୀ (ଫାର ରାଇଟ୍) ପାର୍ଟି ରୂପେ ପରିଚିତ । ସେହିପରି ଏ ଦଳ କେନ୍ଦ୍ରରେ ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଛି । ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ପାଇ ବିଜେପି କେନ୍ଦ୍ରରେ ସରକାର ଗଢ଼ିବା ଆଜି ଦେଶର ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଶକ୍ତିଙ୍କ ସମ୍ମୁଖରେ ନୂଆ ଆହ୍ୱାନ ରଖିଛି । ବିଜେପିର ଅର୍ଥନୈତିକ ଓ ସାମାଜିକ ଆଭିମୁଖ୍ୟ ହେଉଛି ଅତି ଦକ୍ଷିଣପନ୍ଥୀ ଓ ପ୍ରତିକ୍ରିୟାଶୀଳ । ଗତ ସାଧାରଣ ନିର୍ବାଚନ ପରେ ସେଇଥି ପାଇଁ ଦେଶର କିଛି କିଛି ଗଣମାଧ୍ୟମ ମୋଦିଙ୍କୁ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଜାଠ ଦଳର ନେତା ମାର୍ଗାରେଟ୍ ଥାଚରଙ୍କ ସହିତ ତୁଳନା କରିଛନ୍ତି । ମାର୍ଗାରେଟ୍ ଥାଚର ଥିଲେ ନବ୍ୟଉଦାରବାଦୀ ନୀତିର ପ୍ରବକ୍ତା । **ମୋଦିଙ୍କ ଆର୍ଥିକ ନୀତି ହେଉଛି ନବ୍ୟଉଦାରବାଦୀ ନୀତିର ନିଷ୍ଠୁର ସଂସ୍କରଣ ।** ମୋଦି ସରକାରଙ୍କ ପକ୍ଷରୁ ଯେଉଁ ବଜେଟ ଉପସ୍ଥାପନ କରାଯାଇଛି ସେଥିରେ ଦେଶର ମେଗା ପୁଞ୍ଜିପତିମାନଙ୍କୁ ଯେପରି ରିହାତିମାନ ଦିଆ ହୋଇଆସୁଥିଲା ସେଥିରେ କିଛି ଊଣା ହୋଇନାହିଁ । ଗରିବ ଗୁରୁବାଙ୍କୁ ଦିଆଯାଉଥିବା ଯତସାମାନ୍ୟ ସୁବିଧା ସୁଯୋଗ ଉପରେ ଖଡ଼ଗ୍ ପଡ଼ିଛି । ଗରିବ ଗୁରୁବାଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗକୁ ସବ୍ସିଡ଼ି ବୋଲି (ବେକାର ଖର୍ଚ୍ଚ) କହି ତାହା କିପରି ହ୍ରାସ କରାଯାଇପାରିବ ସେଥିପାଇଁ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ବିମଲ ଜାଲାନ୍ଙ୍କ ଅଧ୍ୟକ୍ଷତାରେ ଏକ କମିଟି ବସାଯାଇଛି । ବିତ୍ତୀୟ ନିଅଣ୍ଟ ହ୍ରାସ କରିବାର ଦୁଇଟି ରାସ୍ତା ଅଛି । ଗୋଟାଏ ହେଉଛି – ଅଧିକ ଆୟ କରିବା ଆଉ ଗୋଟିଏ ହେଉଛି ଖର୍ଚ୍ଚକୁ ହ୍ରାସ କରିବା । ଆୟ କେମିତି ବଢ଼ିବ ? ଯେଉଁମାନେ ଅଧିକ ଆୟ କରୁଛନ୍ତି ସେମାନଙ୍କଠାରୁ ନ୍ୟାୟତଃ ଯେତିକି ଟିକସ ଆଦାୟ କରିବା କଥା ଯଦି ତାହା ହୁଏ ତେବେ ସରକାରଙ୍କ ଆୟ ବଢ଼ିବ ଏବଂ ବିତ୍ତୀୟ ନିଅଣ୍ଟ ହ୍ରାସ କରି ହେବ । ସେ ରାସ୍ତାରେ ମନମୋହନ ସିଂଙ୍କ ସରକାର ଯାଉ ନ ଥିଲେ । ମୋଦି ବି ଯିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ତେଣୁ ଦ୍ୱିତୀୟ ରାସ୍ତା – ସବ୍ସିଡ଼ି ହ୍ରାସ କରିବାର ରାସ୍ତା ଧରିଛନ୍ତି ମୋଦି ସରକାର । ତେଣୁ ଆଗାମୀ ଦିନରେ ଗରିବ ଗୁରୁବାଙ୍କ ପକେଟ ଉପରେ ଅଧିକ ମାଡ଼ ହେବାର ଦିନ ଆସୁଛି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ମୂଲ୍ୟ କିପରି ବଢ଼ିବା ଆରମ୍ଭ କରିଛି ଜୁଲାଇ ମାସରେ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଖାଉଟି ମୂଲ୍ୟସୂଚୀ ୬ ପଏଣ୍ଟ ବଢ଼ିବା ହେଉଛି – ତା'ର ସୂଚନା । ଖାଦ୍ୟ ପଦାର୍ଥର ମୂଲ୍ୟ ବଢ଼ିବ, କିନ୍ତୁ ଗରିବ ଗୁରୁବାଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ସବ୍ସିଡ଼ିର ପକ୍ଷଚ୍ଛେଦ ହେବ । ମାର୍ଗାରେଟ୍ ଥାଚର କହୁଥିଲେ – "It is not the business of the Government to do business" ବେପାର କରିବା ସରକାରର କାମ ହେବ ନାହିଁ । ବେପାର ବେପାରୀ କରିବେ । 'ପ୍ରଧାନମନ୍ତ୍ରୀ ଧନ ଜନ ଯୋଜନା' ଜରିଆରେ ସମସ୍ତଙ୍କ ପାଇଁ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା ସେହି ଲକ୍ଷ୍ୟର ଅଂଶ । ବ୍ୟାଙ୍କ୍ ଆକାଉଣ୍ଟ ଖୋଲାଯିବାକୁ କେହି ବିରୋଧ କରିବେ ନାହିଁ । ପ୍ରଶ୍ନ ହେଉଛି – ସରକାରୀ ଗଣବଣ୍ଟନ ଦୋକାନଗୁଡ଼ିକ ବନ୍ଦ କରି ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସମ୍ପୃକ୍ତ ସାମଗ୍ରୀର ମୂଲ୍ୟ ଟଙ୍କା ଆକାରରେ ପଠାଇବା ଦ୍ୱାରା ସେହି ହିତାଧିକାରୀଙ୍କୁ ମିଳୁଥିବା ସୁବିଧାକୁ ସଙ୍କୁଚିତ କରିବା । କାରଣ ସମ୍ପୃକ୍ତ ହିତାଧିକାରୀ ସେହି ଟଙ୍କାରେ ବଜାରରୁ ଉକ୍ତ ଜିନିଷ ସେହି ପରିମାଣରେ ପାଇବେ ନାହିଁ । ବଜାର ଭାଉ ସହିତ ତାଳ ଦେଇ ହିତାଧିକାରୀଙ୍କୁ ମିଳିବାକୁ ଯାଉଥିବା ଅର୍ଥର ହାର ଗତି କରିବ ନାହିଁ । ତେଣୁ ଗରିବ ଆଉରି ଗରିବ ହେବେ ।

**ପ୍ରତିକ୍ରିୟାଶୀଳ ବା ଅତି ଦକ୍ଷିଣପନ୍ଥୀ ବୋଲି ଯାହା କୁହାଯାଉଛି ତାହା କେବଳ ଏକ ଉକ୍ତି ନୁହେଁ କି ବିଜେପିକୁ ନିନ୍ଦିତ କରିବା ପାଇଁ କୁହାଯାଉନାହିଁ । ଦଳର ନୀତି ଓ ଆଭିମୁଖ୍ୟ ହିଁ ସେହି ଦଳ ପାଇଁ ଏପରି ପରିଚିତ ସୃଷ୍ଟି କରିଥାଏ ।** ସବ୍ସିଡ଼ି ହ୍ରାସ କରିବା ପାଇଁ ବିମଲ ଜାଲାନଙ୍କ ଅଧ୍ୟକ୍ଷତାରେ କମିଟି ବସାଇବା ଭିତରେ ସରକାରଙ୍କ ଆର୍ଥିକ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି ଏହା ଏକ ପ୍ରତିକ୍ରିୟାଶୀଳ ଏବଂ ଅତି ଦକ୍ଷିଣପନ୍ଥୀ ଆଭିମୁଖ୍ୟ ।

ସରକାରଙ୍କ ସାମାଜିକ ଆଭିମୁଖ୍ୟ ମଧ୍ୟ ହେଉଛି ପ୍ରତିକ୍ରିୟାଶୀଳ । ୧୫ଶ ଲୋକସଭା ପାଇଁ ନିର୍ବାଚନରେ ବିଜେପି ଉତ୍ତରପ୍ରଦେଶର ୮୦ଟି ଆସନରୁ ୨୦ଟି ଆସନ ପାଇଥିଲା । ୧୬ଶ ଲୋକସଭା ପାଇଁ ନିର୍ବାଚନରେ ତା'ର ଆସନ ସଂଖ୍ୟା ୭୩କୁ କେମିତି ବଢ଼ିଗଲା ? ସଂଖ୍ୟା ଗରିଷ୍ଠଙ୍କ ଭୋଟକୁ ଏକାଠି କରିବା ଦ୍ୱାରା ହିଁ କେବଳ ତାହା ସମ୍ଭବ ହୋଇଛି । ସଂଖ୍ୟା ଗରିଷ୍ଠଙ୍କ ଭୋଟକୁ ଏକାଠି କରିବା ପାଇଁ ସଂଘ୍ୟାଲଘୁଙ୍କୁ ସଂଖ୍ୟାଗରିଷ୍ଠଙ୍କ ପାଇଁ ବିପଦ ଆକାରରେ ଛିଡ଼ା କରାଗଲା । ମୋଦି ବାରଣାସୀରୁ ପାର୍ଥୀ ହେବା ଏବଂ ଅମିତ ଶାହାଙ୍କୁ ଉତ୍ତରପ୍ରଦେଶର ନିର୍ବାଚନ ଦାୟିତ୍ୱ ଦିଆଯିବା ଜରିଆରେ ଉତ୍ତରପ୍ରଦେଶ ଓ ତାକୁ ଲାଗିଥିବା ଅନ୍ୟତମ ବଡ଼ ରାଜ୍ୟ ବିହାରରେ ସଂଖ୍ୟା ଗରିଷ୍ଠଙ୍କ ଭୋଟକୁ ଏକାଠି କରିବା ସମ୍ଭବ ହେଲା । ସଂଖ୍ୟାଗରିଷ୍ଠ ଓ ସଂଘ୍ୟାଲଘୁଙ୍କ ମଧ୍ୟରେ ତିକ୍ତତାର ବାତାବରଣ ସୃଷ୍ଟି କରି ଏପରି କରାଯାଇଛି । ଗୁଜରାଟରେ ସେପରି କରାଯାଇ ଆସୁଛି । ଗୁଜୁରାଟ ମଡେଲ ଉତ୍ତରପ୍ରଦେଶ ଓ ବିହାରରେ ପରୀକ୍ଷା ହେଲା । ଏହି ପ୍ରତିକ୍ରିୟାଶୀଳ ଶକ୍ତିଙ୍କ ସଂଖ୍ୟା ବୃଦ୍ଧି ଧର୍ମ ନିରପେକ୍ଷ ଶକ୍ତି ପାଇଁ ଏକ ବଡ଼ ଆହ୍ୱାନ ।

❖❖❖

*Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari*
*at Bani Press , Cuttack - 8 , Editor - **Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com***